RNI No.ODIODI/2010/33031
୧୭ ବର୍ଷ | Volume-17
ISSUE -49 | ସଂଖ୍ୟା-୪୯
ଭୁବନେଶ୍ୱର, ବୁଧବାର ୨୯ ଏପ୍ରିଲ୍ ୨୦୨୬
Bhubaneswar, Wednesday 29 April, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ସୁନାର କେନ୍ଦୁଝର ପାଇଁ ରୋଡମ୍ୟାପ୍ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/ଚମ୍ପୁଆ, ୨୮।୪(ନି.ପ୍ର.): କେନ୍ଦୁଝର ଜିଲ୍ଲାକୁ ଏକ ସମୃଦ୍ଧ ଶିଳ୍ପ ହବ୍‌ରେ ପରିଣତ କରିବା ଲକ୍ଷ୍ୟରେ ଆଜି ମୁଖ୍ୟମନ୍ତ୍ରୀ ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ବଡ଼ବିଲ ଅଂଚଳର ଉଚ୍ଚବାଲି ଠାରେ ୧୬୪୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୪୨୦/୨୨୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ପୂର୍ବ ଭାରତର ଦ୍ୱିତୀୟ ଜାମସେଦପୁର ଭାବେ ଗଢ଼ିତୋଳିବାକୁ ଘୋଷଣା କରିଛନ୍ତି ।

ସୂଚନା ଯୋଗ୍ୟଯେ, ମୁଖ୍ୟମନ୍ତ୍ରୀ ଆଜିର କାର୍ଯ୍ୟକ୍ରମରେ ଉଚ୍ଚବାଲି, କେନ୍ଦୁଝର ପାଇଁ ସବ ଷ୍ଟେସନ ସମେତ ୫ ଟି ନୂଆ ଟ୍ରାନ୍ସମିଶନ ଲାଇନ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା କେନ୍ଦୁଝର ସଦର, ତେଲକୋଇ, ଝୁମ୍ପୁରା, ଯୋଡ଼ା ଏବଂ ବଡ଼ବିଲ ଅଞ୍ଚଳର ପ୍ରାୟ ୭.୧୭ ଲକ୍ଷ ଉପଭୋକ୍ତା ଉପକୃତ ହେବେ । ବିକଶିତ ସମାଜର ପରିଚୟ ହେଉଛି ଗୁଣାତ୍ମକ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଏଣୁ ଖଣିଜ ସମ୍ପଦରେ ଭରା କେନ୍ଦୁଝରକୁ ସୁନାର କେନ୍ଦୁଝର କରିବା ପାଇଁ ଆମେ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପ୍ରକଳ୍ପର ବିଭିନ୍ନ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି ଯେ ସମଗ୍ର ଅଞ୍ଚଳକୁ ଏକ ସୁଦୃଢ଼ ନେଟୱର୍କରେ ଯୋଡ଼ିବା ନେଇ ସେ ଦର୍ଶାଇଛନ୍ତି ଯେ, ୪୦୦ କେଭି ଖଓଖଙ ଲାଇନ ସହିତ ଝଞ୍ଜଚଝ-ଯୋଡ଼ା ଓ ତୁରୁମୁଙ୍ଗା-ରାଇରଙ୍ଗପୁର ଲାଇନ ମାଧ୍ୟମରେ ସମଗ୍ର ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗୀକରଣ କରାଯିବ। ଏହା ଦ୍ୱାରା ଶିଳ୍ପ ଓ ଘରୋଇ ଚାହିଦା ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରାଯାଇପାରିବ।

ବିଦ୍ୟୁତ୍ ବିଭ୍ରାଟକୁ ରୋକିବା ପାଇଁ ଏକ ବଡ଼ ପଦକ୍ଷେପ ସମ୍ପର୍କରେ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବଡ଼ବିଲ ଓ ପଲାଶପଙ୍ଗା ଗ୍ରୀଡ୍‌ର ଉନ୍ନତିକରଣ ଆମର ପ୍ରାଥମିକତା। ଆମେ ହଟଲାଇନ୍ ମେ□ନାନ୍ସ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଯାଉଛୁ, ଯାହାଦ୍ୱାରା ତାରରେ ବିଦ୍ୟୁତ୍ ପ୍ରବାହିତ ହେଉଥିବା ସମୟରେ ମଧ୍ୟ ମରାମତି କାମ କରାଯାଇପାରିବ। ଏଣିକି ମରାମତି ପାଇଁ ଆଉ ବିଦ୍ୟୁତ୍ କାଟ୍ କରିବାର ଆବଶ୍ୟକତା ପଡ଼ିବ ନାହିଁ।'

ରାଜ୍ୟର ବିଦ୍ୟୁତ୍ ପରିଚାଳନା ପ୍ରଣାଳୀକୁ ସ୍ମାର୍ଟ କରିବା ନେଇ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରି କହିଛନ୍ତି, 'ଆମେ ଓଡ଼ିଶାକୁ ଡିଜିଟାଲାଇଜେସନ ଦିଗରେ ଆଗେଇ ନେଉଛୁ। ମଞ୍ଚେଶ୍ୱରଠାରେ ନିର୍ମିତ ନୂତନ ଷ୍ଟେଟ୍ ଲୋଡ୍ ଡେସପାଚ୍ ସେ□ର ରାଜ୍ୟର ବିଦ୍ୟୁତ୍ ପରିଚାଳନା ପାଇଁ 'ହାର୍ଟ' ସଦୃଶ କାର୍ଯ୍ୟ କରିବ। ଏହାସହ ଷ୍ଟାମ୍ପସ ପ୍ରକଳ୍ପ ଜରିଆରେ ୭୦ଟି ଗ୍ରୀଡ୍‌କୁ ରିମୋଟ୍ ମାଧ୍ୟମରେ ପରିଚାଳନା କରାଯାଇ ତ୍ରୁଟିଗୁଡ଼ିକର ତୁରନ୍ତ ସମାଧାନ କରାଯିବ।

ଏହି ଅତ୍ୟାଧୁନିକ ବ୍ୟବସ୍ଥାଗୁଡ଼ିକ କେନ୍ଦୁଝର ଜିଲ୍ଲାର ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହ ଓଡ଼ିଶାର ଭବିଷ୍ୟତ ବିଦ୍ୟୁତ୍ ପରିବହନ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।





- ମଧୁବାବୁଙ୍କ ଜୟନ୍ତୀରେ କେନ୍ଦୁଝରକୁ ମୁଖ୍ୟମନ୍ତ୍ରୀଙ୍କ ଭେଟି
- ୪୦୦/୨୨୦ କେଭି ଗ୍ରୀଡ୍ ସବଷ୍ଟେସନ ପାଇଁ ଭିତ୍ତିପ୍ରସ୍ତର ସ୍ଥାପିତ
- ଉଚ୍ଚବାଲିଠାରେ ୧୬୪୭ କୋଟିର ଗ୍ରୀଡ୍ ପ୍ରକଳ୍ପର ଭି□ପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ
- ୭ ଲକ୍ଷରୁ ଅଧିକ ଉପଭୋକ୍ତା ପାଇବେ ନିରବଚ୍ଛିନ୍ନ ବିଦ୍ୟୁତ୍
- ଓଡ଼ିଶାରେ 'ଆଧୁନିକ ଶକ୍ତି ନବଜାଗରଣ', ୨୦୩୬ ସୁଦ୍ଧା ରାଜ୍ୟରେ ନିର୍ମିତ ହେବ ଆହୁରି ୩୪ ନୂଆ ଗ୍ରୀଡ୍
- 'ହଟଲାଇନ ମେଣ୍ଟେନାନ୍ସ' : ଏବେ ବିନା ବିଦ୍ୟୁତ୍ କାଟ୍‌ରେ ହେବ ମରାମତି
- ପୂର୍ବ ଭାରତର ଦ୍ୱିତୀୟ ଜାମସେଦପୁର ହେବ କେନ୍ଦୁଝର : ମୁଖ୍ୟମନ୍ତ୍ରୀ

ରାଜ୍ୟର ଶକ୍ତି ଭିତ୍ତିଭୂମି ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୦୦ ମସିହାରେ ରାଜ୍ୟରେ ୧୬ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତା ଥିବାବେଳେ ଆଜି ତାହା ୧ କୋଟିରେ ପହଞ୍ଚିଛି । ଏହି ଅଭିବୃଦ୍ଧିକୁ ବଜାୟ ରଖିବା ପାଇଁ ୨୦୩୬ ସୁଦ୍ଧା ରାଜ୍ୟରେ ଆହୁରି ୩୪ଟି ନୂଆ ଗ୍ରୀଡ୍ ସବଷ୍ଟେସନ କରାଯିବ । ବିଶେଷ କରି ଭୁବନେଶ୍ୱର, ଯାଜପୁର, ଝାରସୁଗୁଡ଼ା ଓ ଗଜପତିରେ ପ୍ରଥମ ଥର ପାଇଁ ୭୬୫ କେଭି ଗ୍ରୀଡ୍ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ଓପିଟିସିଏଲ୍ ପକ୍ଷରୁ ଏଣିକି 'ହଟଲାଇନ ମେଣ୍ଟେନାନ୍ସ' ବ୍ୟବସ୍ଥା କରାଯିବ, ଯାହାଦ୍ୱାରା ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ନକରି ମଧ୍ୟ ତାର ମରାମତି କରାଯାଇପାରିବ । ସେହିପରି ମଞ୍ଚେଶ୍ୱରଠାରେ ନୂତନ ଷ୍ଟେଟ୍ ଲୋଡ୍ ଡିସପାଚ୍ ସେଣ୍ଟର (ଏସଏଲଡିସି) ବିଦ୍ୟୁତ୍ ପରିଚାଳନାକୁ ଆହୁରି ସ୍ମାର୍ଟ କରିବ।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କେନ୍ଦୁଝର ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ଦୋହରାଇ କହିଛନ୍ତି, ମୁଁ ବାରମ୍ବାର କହିଛି, ଖଣି ଖାଦାନରେ ଭରା କେନ୍ଦୁଝରକୁ ସୁନାର କେନ୍ଦୁଝର କରାଯିବ। କେନ୍ଦୁଝର ଏତେ ଦିନ ଧରି ରାଜ୍ୟକୁ ସମୃଦ୍ଧି ଦେଇ ଆସିଛି, ଏବେ ସମୟ ଆସିଛି କେନ୍ଦୁଝରକୁ ତାର ହକ୍ ଫେରାଇବାର। ଏହି ଅବସରରେ ସେ ବଡ଼ବିଲ ରିଂ-ରୋଡ୍‌ର କାର୍ଯ୍ୟ ଏବଂ ଆଗାମୀ ମେଗା ଷ୍ଟିଲ୍ ପ୍ଲାଣ୍ଟ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଜାପାନର ପ୍ରସିଦ୍ଧ ଜେଏଫଇ ଷ୍ଟିଲ୍‌କୁ କେନ୍ଦୁଝରରେ କାରଖାନା ଗଢ଼ିବାକୁ ପ୍ରସ୍ତାବ ଦିଆଯାଇଛି, ଯାହା ଭବିଷ୍ୟତର 'ଇଲେକ୍ଟ୍ରିକାଲ୍ ଷ୍ଟିଲ୍' ଉତ୍ପାଦନ କରିବ। ଜିଲ୍ଲାରେ ବଢୁଥିବା ଶିଳ୍ପ ଚାହିଦାକୁ ଦୃଷ୍ଟିରେ ରଖି ଆଗାମୀ ୨୦ ବର୍ଷର ଆବଶ୍ୟକତାକୁ ପୂରଣ କରିବା ଭଳି ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି ।

ପ୍ରଧାନମନ୍ତ୍ରୀଙ୍କ ବିକାଶ ମଡେଲକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ନେତୃତ୍ୱରେ ଭାରତ ଆଜି ସୌର, ପବନ ଓ ପରମାଣୁ ଶକ୍ତିରେ ଆତ୍ମନିର୍ଭର ହେଉଛି। ଆମ ଡବଲ ଇଞ୍ଜିନ ସରକାର ସେହି ବିକାଶର ଧାରାକୁ ଓଡ଼ିଶାର ପ୍ରତିଟି ଗାଁ ଏବଂ ପ୍ରତିଟି ପରିବାର ପାଖରେ ପହଞ୍ଚାଇବାକୁ ସଂକଳ୍ପବଦ୍ଧ। 'କେନ୍ଦୁଝରର ବିକାଶ ଦାୟିତ୍ୱ ମୋର,' ଏହି ଶବ୍ଦ ସହ ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ ଏବଂ ଆଗାମୀ ୧୦ ବର୍ଷ ମଧ୍ୟରେ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବାର ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ ଯେ, ରାଜ୍ୟରେ ସମସ୍ତ ବିଦ୍ୟୁତ ଶକ୍ତି ବ୍ୟବସ୍ଥାର ସମ୍ପ୍ରସାରଣ ସୁନିଶ୍ଚିତ ହେବାପାଇଁ ଆମ ସରକାର ଦୃଢ଼ କାର୍ଯ୍ୟରତ। ଆଜିର ଗ୍ରୀଡ ସବ ଷ୍ଟେସନ କେବଳ କେନ୍ଦୁଝର ନୁହେଁ ଏହାର ପାୱାର ସପ୍ଲାଏ ଆଣେ ସୁନ୍ଦରଗଡ଼, ଅନୁଗୋଳ, ବଇଣ୍ଡା ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତୃତ କରିବୁ। ଆଗାମୀ ଦିନରେ କେନ୍ଦୁଝର ଅଞ୍ଚଳରେ ଥିବା ସମସ୍ତ ଉପାନ୍ତ ଅଞ୍ଚଳରେ ଯେଉଁଠାରେ ବିଦ୍ୟୁତ କନେକ୍ସନ ନାହିଁ, ସେ ସମସ୍ତ ଅଞ୍ଚଳକୁ ବିଦ୍ୟୁତ ପହଂଚାଇବା ଲକ୍ଷ୍ୟ ରଖିଛୁ। ପ୍ରଧାନମନ୍ତ୍ରୀ ଙ୍କ ନିର୍ଦ୍ଦେଶରେ ୨୦୨୮ ସୁଦ୍ଧା ସମଗ୍ର ଓଡ଼ିଶା ବିଦ୍ୟୁତ ସଙ୍କଟରୁ ବାହାରିବ ।ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଶଅନନ୍ତ ନାୟକ, ତେଲକୋଇ ବିଧାୟକ ଡକ୍ଟର ଫକିର ମୋହନ ନାଏକ, ଚମ୍ପୁଆ ବିଧାୟକ ଶ୍ରୀଯୁକ୍ତ ସନାତନ ମହାକୁଡ଼ଙ୍କ ସମେତ, ଓପିଟିସିଏଲ ସିଏମଡି, ଭାସ୍କର ଜ୍ୟୋତି ଶର୍ମା, ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

---

**ଦୁଇ ବର୍ଷ ପୂର୍ତ୍ତି ପୂର୍ବରୁ ବଡ଼ ପଦକ୍ଷେପ**

## ନିଗମ ଓ ବୋର୍ଡରେ ଥିବା ସମସ୍ତ ଖାଲି ପଦରେ ନିଯୁକ୍ତି ହେବ

ଭୁବନେଶ୍ୱର, ୨୮।୪(ନି.ପ୍ର.): ଓଡ଼ିଶାରେ ନିଯୁକ୍ତିକୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ ସରକାର ଦୁଇ ବର୍ଷ ପୂର୍ତ୍ତି ହେବା ପୂର୍ବରୁ ସମସ୍ତ ବାକି ନିଯୁକ୍ତି ଶେଷ କରାଯିବ। ସେ କହିଛନ୍ତି ଯେ ଆସନ୍ତା ଜୁନ ୧୨ରେ ସରକାରଙ୍କ ୨ ବର୍ଷ ପୂର୍ତ୍ତି ହେବାକୁ ଯାଉଛି। ଏହା ପୂର୍ବରୁ ନିଗମ ଓ ବୋର୍ଡରେ ଥିବା ସମସ୍ତ ଖାଲି ପଦରେ ନିଯୁକ୍ତି ହେବ। ରାଜ୍ୟର ୨୯ଟି ଜିଲ୍ଲାରେ ଓକିଲ ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇଛି। ଖୋର୍ଦ୍ଧା ଜିଲ୍ଲାରେ ମଧ୍ୟ ଶୀଘ୍ର ନିଯୁକ୍ତି ସମାପ୍ତ ହେବ ବୋଲି ସେ ଜଣାଇଛନ୍ତି। ସେହିପରି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବିଷୟରେ ସେ କହିଛନ୍ତି ଯେ, କେନ୍ଦ୍ରୀୟ ନେତୃତ୍ୱ ସହ ଆଲୋଚନା ପରେ ଏହାର ନିଷ୍ପତ୍ତି ହେବ। ସରକାରର କାମକୁ ଉଲ୍ଲେଖ କରି ସେ କହିଛନ୍ତି ଯେ ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶ୍ରୁତିର ପ୍ରାୟ ୮୦ ପ୍ରତିଶତ ପୂରଣ ହୋଇସାରିଛି। ବାକି କାମ ମଧ୍ୟ ଦୁଇ ବର୍ଷ ପୂର୍ତ୍ତି ପୂର୍ବରୁ ଶେଷ ହେବ। ସରକାର ଶୀଘ୍ର ନିଯୁକ୍ତି ଓ ଅନ୍ୟ ପ୍ରତିଶ୍ରୁତି ପୂରଣ କରିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।



## ମୁମ୍ବାଇରେ ଆଇଏସଆଇଏସ ଶୈଳୀରେ ଆକ୍ରମଣ

### କଲମା ପଢ଼ିବାକୁ ବାଧ୍ୟ କରିବା ସହ ଛୁରାମାଡ଼, ୨ ଗୁରୁତର

ମୁମ୍ବାଇ, ୨୮।୪(ଏଜେନ୍ସି): ମଙ୍ଗଳବାର ମୁମ୍ବାଇର ମୀରା ରୋଡ୍ ଅଞ୍ଚଳରେ ଜଣେ ୩୧ ବର୍ଷୀୟ ଯୁବକ ଦୁଇଜଣ ସୁରକ୍ଷାକର୍ମୀଙ୍କୁ ''କଲମା'' ପଢ଼ିବାକୁ ବାଧ କରିବା ସହ ନିର୍ମମ ଭାବେ ଛୁରାମାଡ଼ କରିଛି। ଅଭିଯୁକ୍ତ ଜୈବ୍ ଜୁବେର ଅନସାରୀକୁ ପୋଲିସ ଗିରଫ କରିଥିବା ବେଳେ ମହାରାଷ୍ଟ୍ର ଆଣ୍ଟି-ଟେରରିଜିମ୍ ସ୍କ୍ୱାଡ୍ ଏହାକୁ ଏକ ''ଲୋନ୍ ଉଲ୍ଫ'' ଆତଙ୍କବାଦୀ ଆକ୍ରମଣ ବୋଲି ସନ୍ଦେହ କରୁଛି। ଗୁରୁତର ସୁରକ୍ଷାକର୍ମୀ ରାଜକୁମାର ମିଶ୍ର ଓ ସୁବ୍ରତ ସେନ୍ ବର୍ତ୍ତମାନ ଚିକିତ୍ସିତ ହେଉଥିବା ବେଳେ ରାଜକୁମାରଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଅନସାରୀ ଜଣେ ବିଜ୍ଞାନ ସ୍ନାତକ ଏବଂ ପୂର୍ବରୁ ଆମେରିକାରେ ରହୁଥିଲେ। ତାଙ୍କ ଘରୁ ଜବତ ହୋଇଥିବା ଡାଏରୀରେ ''ଆଇଏସଆଇଏସ'', ''ଜିହାଦ୍'' ଓ ''ଗାଜା'' ଭଳି ଶବ୍ଦ ଉଲ୍ଲେଖ ରହିବା ସହ ଏହି ଆକ୍ରମଣକୁ ସେ ଆତଙ୍କବାଦୀ ସଂଗଠନରେ ସାମିଲ ହେବାର 'ପ୍ରଥମ ପଦକ୍ଷେପ' ବୋଲି କହିଛନ୍ତି। ୨୦୧୯ରେ ଭାରତ ଫେରିବା ପରେ ସେ ଅନଲାଇନ୍ କୋଚିଂ ଦେଉଥିଲେ ଏବଂ ଇଣ୍ଟରନେଟ୍ ମାଧ୍ୟମରେ କ୍ରମଶଃ କଟ୍ଟରପନ୍ଥୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇଥିବା ଅନୁମାନ କରାଯାଉଛି।



ବର୍ତ୍ତମାନ ଅଦାଲତ ଅଭିଯୁକ୍ତକୁ ମେ' ୪ ପର୍ଯ୍ୟନ୍ତ ପୋଲିସ ହେପାଜତକୁ ପଠାଇଥିବା ବେଳେ ତାଙ୍କର ଡିଜିଟାଲ୍ ଡିଭାଇସ୍ ଗୁଡ଼ିକର ଯାଞ୍ଚ ଜାରି ରହିଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୋଲିସ ଓ ଏଟିଏସ୍ ବର୍ତ୍ତମାନ ଏହି ଦିଗରେ ଯାଞ୍ଚ କରୁଛନ୍ତି ଯେ ଅନସାରୀଙ୍କ ସହ କୌଣସି ଆନ୍ତର୍ଜାତୀୟ ଆତଙ୍କବାଦୀ ହ୍ୟାଣ୍ଡଲର ସିଧାସଳଖ ସମ୍ପର୍କରେ ଥିଲେ କି ନାହିଁ। ସାଇବର ବିଶେଷଜ୍ଞମାନେ ତାଙ୍କର ସୋସିଆଲ ମିଡିଆ ଗତିବିଧି ଏବଂ ଡାର୍କ ୱେବ୍ ବ୍ୟବହାରର ଖୋଳତାଡ଼ କରୁଛନ୍ତି। ପ୍ରଶାସନ ପକ୍ଷରୁ ଶାନ୍ତି ରକ୍ଷା ପାଇଁ ନିବେଦନ କରାଯାଇଥିବା ବେଳେ ଏହି ''ଲୋନ୍ ଉଲ୍ଫ'' ମଡେଲର ଆକ୍ରମଣ ସୁରକ୍ଷା ସଂସ୍ଥାଗୁଡ଼ିକ ପାଇଁ ଏକ ନୂଆ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି।

## ୟୁଏନରେ ଚାଲିଲାନି ଆମେରିକାର ମନମାନି

ନୂଆଦିଲ୍ଲୀ୨୮।୪(ନି.ପ୍ର.): ମିଳିତ ଜାତିସଂଘର ନେତୃତ୍ୱରେ ପରମାଣୁ ଅପ୍ରସାର ସନ୍ଧିର ଏକ ମାସ ପର୍ଯ୍ୟନ୍ତ ହେବାକୁ ଥିବା ବୈଠକ ଆରମ୍ଭ ହୋଇ ଯାଇଛି । ବୈଠକ ଆରମ୍ଭରେ ୩୪ ଦେଶର ପ୍ରତିନିଧିଙ୍କୁ ଉପାଧ୍ୟକ୍ଷ ଭାବେ ଚୟନ କରାଯାଇଛି । ଏଥିରେ ଇରାନର ନାଁ ମଧ୍ୟ ସାମିଲ୍ । ଆମେରିକାର ତୀବ୍ର ବିରୋଧ ପରେ ବି ଇରାନକୁ ଏନପିଟିର ଆଭ୍ୟନ୍ତରୀଣ ଉପାଧ୍ୟକ୍ଷ ପଦ ମିଳିଛି । ଏନପିଟିରେ ଅଧ୍ୟକ୍ଷ ଏବଂ ୩୪ ଉପାଧ୍ୟକ୍ଷ ୫ ବର୍ଷରେ ଥରେ ଚୟନ କରାଯାଏ । ଅଧ୍ୟକ୍ଷ ପଦ ଭିଏତନାମକୁ ମିଳିଛି, ଯିଏ ରୁଷ ଓ ଚୀନର ନିକଟତର । ସମ୍ବାଦ ସଂସ୍ଥା ରଏଟର୍ସ ଅନୁଯାୟୀ, ଆମେରିକା ଏହାକୁ ରୋକିବା ପାଇଁ ଯଥାସମ୍ଭବ ଚେଷ୍ଟା କରିଥିଲା, କିନ୍ତୁ ୧୨୧ ଦେଶର ସମର୍ଥନରେ ଇରାନ ଏହି ସ୍ଥାନ ସୁରକ୍ଷିତ କରି ପାରିଛି । ଇରାନ କହିଛି ଯେ ଏହାର ନେତା ସର୍ବଦା ପରମାଣୁ ଅସ୍ତ୍ରଶସ୍ତ୍ରକୁ ବିରୋଧ କରିଆସିଛନ୍ତି। ଆମେରିକା ଇରାନ ବିଷୟରେ ସାରା ବିଶ୍ୱରେ ମିଥ୍ୟା ପ୍ରଚାର କରୁଛି।

**ଏସସିବିରୁ ୧୪ ଶିଶୁ ନିଖୋଜ ମାମଲା**

## ଶିଶୁ ସୁରକ୍ଷା ଆୟୋଗର ଯାଞ୍ଚ ଆରମ୍ଭ

କଟକ, ୨୮।୪(ନି.ପ୍ର.): ଏସସିବି ମେଡ଼ିକାଲରୁ ୧୪ ଶିଶୁ ନିଖୋଜ ଘଟଣାରେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅନୁଧ୍ୟାନ ଆରମ୍ଭ କରିଛି । ଆଜି ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ରଙ୍କ ସହିତ ଏକ ଟିମ୍ ଏସସିବିରେ ପହଁଚି ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ରେକର୍ଡ ଯାଞ୍ଚ କରିଛନ୍ତି ।

ଅସହାୟ ମହିଳାଙ୍କ ନବଜାତ ମାମଲାରୁ ଶିଶୁ ସୁରକ୍ଷା ଆୟୋଗ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଆଜି ଅଧ୍ୟକ୍ଷା ମେଡ଼ିକାଲରେ ପହଁଚି ରେକର୍ଡ ଯାଞ୍ଚ କରିବା ପରେ କହିଛନ୍ତି ଯେ ଏସସିବି କର୍ତ୍ତୃପକ୍ଷ ୧୪ଶିଶୁଙ୍କ ମଧ୍ୟରୁ ୫ଜଣଙ୍କ ହସ୍ତାନ୍ତର ରେକର୍ଡ ଉପସ୍ଥାପନ କରିଛନ୍ତି । ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ଅନ୍ୟ ୩ ଜଣକୁ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଅନ୍ୟ ୯ଜଣ ଶିଶୁଙ୍କ ହସ୍ତାନ୍ତର ରେକର୍ଡ ଦାଖଲ କରିପାରି ନାହାନ୍ତି କର୍ତ୍ତୃପକ୍ଷ । ଯେଉଁମାନେ ମାନସିକ ବିକାରଗ୍ରସ୍ତ କିମ୍ବା ବିଭିନ୍ନ ସଂସ୍ଥା ଦ୍ୱାରା ହସ୍ପିଟାଲରେ ପ୍ରସବ ପାଇଁ ଆସିଥିଲେ ସେହି ଶିଶୁମାନଙ୍କୁ ଉକ୍ତ ସଂସ୍ଥାଙ୍କୁ ହସ୍ତାନ୍ତର କରାଯାଇଛି । ସେହିପରି ଅନ୍ୟ କିଛିଟା ମାମଲାରେ ପ୍ରସୂତୀଙ୍କ ମା ବାପାଙ୍କୁ ଶିଶୁକୁ ହସ୍ତାନ୍ତର କରାଯାଇଥିବା ରେକର୍ଡ ରହିଛି । ତେଣୁ ୧୪ ଶିଶୁ ନିଖୋଜ ଘଟଣା ଖବରର କେତେଦୂର ସତ୍ୟାସତ୍ୟ ରହିଛି ସେ ନେଇ ଯାଞ୍ଚ ଚାଲିଛି । ଶିଶୁ ସୁରକ୍ଷା ଅଧ୍ୟକ୍ଷାଙ୍କ ସହିତ ଦୁଇ ଜଣ ସଦସ୍ୟ ମନସ୍ମିତା ଖୁଣ୍ଟିଆ ଏବଂ କସ୍ତୁରୀ ମିଶ୍ର ଉପସ୍ଥିତ ଥିଲେ । ସାମାଜିକ କର୍ମୀ ଅଚ୍ୟୁତ ସାହୁ ଏବଂ ଦୀପକ ଆଚାର ?ୟ ସୂଚନା ଅଧିକାର ଆଇନ ବଳରେ ୨୦୧୯ରୁ ୨୦୨୬ ମସିହା ମଧ୍ୟରେ ଅସହାୟ ମହିଳାମାନେ ଜନ୍ମ ଦେଇଥିବା ଶିଶୁଙ୍କ ମଧ୍ୟରୁ ୧୪ ଜଣଙ୍କୁ ନିଖୋଜ ଥିବା ରିପୋର୍ଟ ଦେଇଥିଲେ । ୨ ଶିଶୁଙ୍କ ମୃତ୍ୟୁ ହୋଇଥିବା ବେଳେ ବାକି ୧୪ ଜଣଙ୍କ ସମ୍ପର୍କରେ କୌଣସି ସୂଚନା ନାହିଁ। ଏ ନେଇ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

---

**ଡାହୁକ**



ଯେତେ ଲୁଚେଇଲେ ଲୁଚିକି ରହିନି
କଥା ବାଟେ ହାଟେ ଗଢୁଛି
ନିର୍ବାଚନ କମିଶନର ଜାଲକ୍ଷ୍ଟି କେମିତି ବାଗିଆ ଯୋଡୁଛି
ସମ୍ଭାଳିବା କଷ୍ଟ ଭବିଷ୍ୟତ ନଷ୍ଟ
ଜଳ ଜଳ ଦେଖା ଯାଉଛି
ଜାଣିଲା ପରେବି ପଡୁଥି ପ୍ରେମରେ
ଏମିତି କି ରସ ବହୁଛି

-ବିଧ

## ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର, ଯାହା ବିଶ୍ୱକୁ ପରିବର୍ତ୍ତନ କରିପାରିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮।୪(ନି.ପ୍ର.): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଅନ୍ତର୍ଗତ ପୁରୁଷୋତ୍ତମପୁରସ୍ଥିତ ବି.ଏନ୍.କେ ଉଚ୍ଚ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ତଥା ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆଜି ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଗୌରବମୟ ଯାତ୍ରାକୁ ପ୍ରଶଂସା କରିବା ସହ ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବି.ଏନ୍.କେ ଉଚ୍ଚ ବିଦ୍ୟାଳୟକୁ ପି.ଏମ୍. ଶ୍ରୀ ଉଚ୍ଚ ବିଦ୍ୟାଳୟ ଭାବେ ଉନ୍ନତିକରଣ କରିବା ପାଇଁ ୭ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରିବା ସହିତ କୁଟାରୀପଶି ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଘୋଷଣା କରିଛନ୍ତି।

ଏକ ଶିକ୍ଷାନୁଷ୍ଠାନର ୫୦ ବର୍ଷ ପୂର୍ତ୍ତି କେବଳ ଏକ ଉତ୍ସବ ନୁହେଁ, ବରଂ ଏହା ହେଉଛି ପାଞ୍ଚ ଦଶନ୍ଧିର ସଂଘର୍ଷ, ସଫଳତା ଏବଂ ସାମାଜିକ ପରିବର୍ତ୍ତନର ଏକ ଗୌରବମୟ ଯାତ୍ରା ।ସଫଳତାର କୌଣସି ସର୍ଟକଟ୍ ନାହିଁ। କଠିନ ପରିଶ୍ରମ ଓ ନିରନ୍ତର ଅଧ୍ୟୟନ ହିଁ ତୁମକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ। ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର, ଯାହା ବିଶ୍ୱକୁ ପରିବର୍ତ୍ତନ କରିପାରିବ। ଆମ ସରକାରଙ୍କ ପାଇଁ ଶିକ୍ଷା କେବଳ ଭିତ୍ତିଭୂମି ନୁହେଁ, ବରଂ ଶିଶୁର ସାମଗ୍ରିକ ବିକାଶ ଓ ମୌଳିକ ଜ୍ଞାନ ବୃଦ୍ଧି ହେଉଛି ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ୨୫ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି ଏବଂ ୧୩ ହଜାର ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ନିୟମିତ କରାଯାଇଛି। ଆଗାମୀ ଦିନରେ ଆହୁରି ୪୫ ହଜାର ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଜାରି ରହିଛି ।୫ଟି ମଡେଲ ସ୍କୁଲରେ କେବଳ 'ରଙ୍ଗ ମରା' କାମକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସରକାର ପ୍ରକୃତ ଭିତ୍ତିଭୂମି ବିକାଶ ପାଇଁ ପ୍ରଥମ ପର୍ଯ୍ୟାୟରେ ୨,୨୦୦ ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରିବେ, ଯାହା ପାଇଁ ବଜେଟରେ ୫୦ କୋଟିର ବ୍ୟବସ୍ଥା ହୋଇଛି ।ରାଜ୍ୟର ୮୦୦ ସ୍କୁଲକୁ 'ପିଏମ୍ ଶ୍ରୀ' ଯୋଜନାରେ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ। 'ନିପୁଣ ଓଡ଼ିଶା' ମିଶନ ଜରିଆରେ ମୌଳିକ ସାକ୍ଷରତା ଓ ମାତୃଭାଷା ଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ଭାରତୀୟ ବୈଜ୍ଞାନିକମାନେ ପରମାଣୁ ଶକ୍ତି କ୍ଷେତ୍ରରେ ହାସଲ କରିଥିବା 'ସେକେଣ୍ଡ ଷ୍ଟେଜ୍ କ୍ରିଟିକାଲିଟି' ସଫଳତାକୁ ମୁଖ୍ୟମନ୍ତ୍ରୀ ଦେଶ ପାଇଁ ଏକ ଗର୍ବର ବିଷୟ ବୋଲି ବର୍ଣ୍ଣନା କରିଛନ୍ତି।



ମୁଖ୍ୟମନ୍ତ୍ରୀ ଏହି ଅଂଚଳର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ସହରାଇ ଓରାମଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ବି.ଏନ୍.କେ ଉଚ୍ଚ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟର ସ୍ମରଣିକା ଉନ୍ମୋଚନ କରିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଥିଲେ। ପୁରୁଷୋତ୍ତମପୁର ଅଞ୍ଚଳର ଶିକ୍ଷା ଭିତ୍ତିଭୂମି ପାଇଁ ଅତିରିକ୍ତ ଅନୁଦାନ ଯୋଗାଇ ଦେବାକୁ ସେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଚମ୍ପୁଆ ବିଧାୟକ ସନାତନ ମହାକୁଡ, ତେଲକୋଇ ବିଧାୟକ ଡଃ. ଫକୀର ମୋହନ ନାଏକ, ପାଟଣା ବିଧାୟକ ଶ୍ରୀ ଅଖିଳ ଚନ୍ଦ୍ର ନାଏକ ଏବଂ ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ସାମଗ୍ରୀକ ଭାବରେ ମଧୁବାବୁ ଆଧୁନିକ ଓଡ଼ିଶାର ନବନିର୍ମାତା ଥିଲେ : ପ୍ରଫେସର ବହିଦାର

## ପିସିସି ପକ୍ଷରୁ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଜନ୍ମ ଜୟନ୍ତି ପାଳନ ଓଆଲୋଚନା ଚକ୍ର

ଭୁବନେଶ୍ୱର,୨୮।୪(ନି.ପ୍ର.): ଆଜି ଓଡ଼ିଶା ପ୍ରଦଶେ କଂଗ୍ରେସ କମିଟି ପକ୍ଷରୁ ଉତ୍କଳ ଗୌରବ କୁଳବୃଦ୍ଧ ମଧୁସୂଦନ ଦାସଙ୍କର ଜୟନ୍ତୀ ଉତ୍ସବ କଂଗ୍ରେସ ଭବନ, ଭୁବନେଶ୍ୱର ଠାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତାଗଣ ଭୁବନେଶ୍ୱର ରାଜଭବନ ଛକ ସ୍ଥିତ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହି ଉପଲକ୍ଷେ ଦିବା ୧୧ ଘଊକଷ୍ପ;ା ସମୟରେ କଂଗ୍ରେସ ଭବନ ଠାରେ ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା। ଏଥିରେ ଉଦ୍‌ବୋଧନ ଦେଇ ସଭାପତି ଶ୍ରୀ ଦାସ କହିଲେ ଯେ ମଧୁବାବୁ ଭାଷାଭିତ୍ତିକ ଓଡ଼ିଶା ଗଠନରେ ମୁଖ୍ୟ ପୁରୋଧା ସାଜିଥିଲେ। ଅତ୍ୟନ୍ତ ସ୍ୱାଭିମାନୀ ଓ ଓଡ଼ିଆ ଅସ୍ମିତା ତାଙ୍କୁ ଯୁଗ ଯୁଗ ଧରି ଅମର କରି ରଖିବ। ସେ ନାରୀ ପ୍ରତିଭାର ବିକାଶ ଦିଗରେ ସର୍ବଦା ନିଜକୁ ଉତ୍ସର୍ଗ କରିଥିଲେ। ତାଙ୍କର ଜାତି ପ୍ରେମ ବିଷୟରେ ସମସ୍ତ ଓଡ଼ିଆ ଜାଣିବା ଉଚିତ ବୋଲି ଶ୍ରୀ ଦାସ କହିଥିଲେ। ମଧୁବାବୁଙ୍କ ତ୍ୟାଗ ବଳିଦାନ ଓ ଅକଥନୀୟ ପରିଶ୍ରମ ମାଧ୍ୟମରେ ଓଡ଼ିଆଙ୍କୁ ସଂଗଠିତ କରି ନୂତନ ଓଡ଼ିଶା ପାଇଁ ବାଟ ଫିଟାଇଥିଲେ। ଆଜି ଆମର ଦାୟିତ୍ୱ ଅଛି ତାଙ୍କ କର୍ମପଥ ଅନୁସରଣ କରି କଂଗ୍ରେସକୁ ମଜଭୁତ କରିବା ଓ ସାଧାରଣ ଜନତାକୁ ସେବା କରିବା।



ଶ୍ରଦ୍ଧାଞ୍ଜଳି ଜଣାଇ ମୁଖ୍ୟ ଅତିଥି ଶ୍ରୀ ନଳିନୀ ମହାନ୍ତି ଓ ପ୍ରଫେସର ବିଜୟ କୁମାର ବହିଦାର କହିଲେ ଯେ ମଧୁବାବୁ ଓଡ଼ିଆ ମାନଙ୍କୁ ସ୍ୱାବଲମ୍ବି କରିବାପାଇଁ ଓଡ଼ିଶାର ଦ୍ରବ୍ୟରେ ବିଭିନ୍ନ ସାମଗ୍ରୀ ଉତ୍ପାଦନ କରିବା ଲକ୍ଷ୍ୟରେ ଚେଷ୍ଟିତ ଥିଲେ। ବିଭିନ୍ନ କ୍ଷେତ୍ରରେ ଅସଫଳ ହେଉଥିଲେ ମଧ କେବେ ପଛଘୁଞ୍ଚା ଦେଉନଥିଲେ। ତାଙ୍କୁ ଓଡ଼ିଶାର ପ୍ରାଣ କହିଲେ ଅତ୍ୟୁକ୍ତି ହେବନାହିଁ। ଜନସାଧାରଣଙ୍କ ନିମନ୍ତେ ଉଦାବାଦୀ ଗଣତାନ୍ତ୍ରିକ ବ୍ୟବସ୍ଥା କରିବାରେ ସେ ଚେଷ୍ଟିତ ଥିଲେ। ସାମଗ୍ରୀକ ଭାବରେ ଓଡ଼ିଶାର ସଂସ୍କୃତି, ଭାଷା, ସାମାଜିକ ସଂସ୍କାର, ନାରୀ ସ୍ୱାଧୀନତା ଓ ଶିଳ୍ପାୟନ ଆଦି କ୍ଷେତ୍ରରେ ନବଜାଗରଣ ସୃଷ୍ଟି କରିଥିଲେ।

ଶ୍ରଦ୍ଧାଞ୍ଜଳି ଜଣାଇ ପୂର୍ବତନ ମନ୍ତ୍ରୀ ସର୍ବଶ୍ରୀ ନିରଞ୍ଜନ ପଟ୍ଟନାୟକ, ଶ୍ରୀକାନ୍ତ ଜେନା, ପ୍ରସାଦ ହରିଚନ୍ଦନ, ପଞ୍ଚାନନ କାନୁନଗୋ, ପ୍ରଫେସର ଗାୟତ୍ରୀ ବିଶ୍ୱାଳ, ଶିବାନନ୍ଦ ରାୟ ପ୍ରମୁଖ ମଧୁବାବୁଙ୍କ ପ୍ରଭା ଓ ପ୍ରତିଭା ସମ୍ପର୍କରେ ଅବତାରଣା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପିସିସି ମିଡିଆ ଅଧ୍ୟକ୍ଷ ଶ୍ରୀ ଅରବିନ୍ଦ ଦାସ ପରିଚାଳନା କରିଥିଲେ ଓ ପିସିସି ଲିଗାଲ ବିଭାଗ ସଭାପତି ଶ୍ରୀ ରତିକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁରେଶ କୁମାର ରାଉତରାୟ, ସମୀର ରାଉତରାୟ, ଡ. ଲଲାଟେନ୍ଦୁ ମହାପାତ୍ର, ନଗେନ୍ଦ୍ର ପ୍ରଧାନ, ଚିନ୍ମୟ ବେହୁରା, କିଶୋର ଜେନା, ପ୍ରକାଶ ଜେନା, ମନୋରଞ୍ଜନ ଦାଶ, ସିର୍ଦ୍ଧାଥ ସ୍ୱରୂପ ଦାଶ, ମିନାକ୍ଷୀ ବାହିନୀପତି, ସତ୍ୟବ୍ରତ ପାତ୍ର, ଚିନ୍ମୟ ସୁନ୍ଦର ଦାସ, ସୁଦର୍ଶନ ଦାସ, ପ୍ରଣତି ମିଶ୍ର, ୟାସିର ନୱାଜ, ଭାସ୍କର ସେଠୀ, ହଳଧର ସେଠୀ, ମାନସ ଆଚାର୍ଯ୍ୟ, ସଂଜୟ ମିଶ୍ର, ବାଙ୍କନିଧି ବେହେରା, ଲିଙ୍ଗରାଜ ସାହୁ, ଜୟଶ୍ରୀ ପଟ୍ଟନାୟକ, ତରୁଣ ମିଶ୍ର, ପ୍ରଭାସକର ମହାପାତ୍ର, ରଜନୀ ମହାନ୍ତି, ମିହିର ଆଚାର୍ଯ୍ୟ, ପ୍ରକାଶ ମିଶ୍ର, ଅଭୟ ସାହୁ, କାର୍ତ୍ତିକ ଚନ୍ଦ୍ର ବରାଳ, କୃଷ୍ଣଚନ୍ଦ୍ର ପତି, ପ୍ରଶାନ୍ତ ଚମ୍ପତି, ଅମିତା ବିଶ୍ୱାଳ, ଦେବାଶିଷ ଭୂୟାଁ, ଜାନକୀ ବଲ୍ଲଭ ପଟ୍ଟନାୟକ, ବିଶ୍ୱକଲ୍ୟାଣୀ କର, ଯୋଗୀନାଥ ବାହୁବଳେନ୍ଦ୍ର, ଜୟକୃଷ୍ଣ ସୁବୁଦ୍ଧି, ରାଜୀବ ପଟ୍ଟନାୟକ, ରାଜକିଶୋର ବାରିକ, କାର୍ତ୍ତିକ ଚନ୍ଦ୍ର ବରାଳ, ପିନାକୀ ନାରାୟଣ ଦାସ, ବିଭୁ ପ୍ରସାଦ ମିଶ୍ର, ନିରଞ୍ଜନ ନାୟକ, ମିଳନ ପଟ୍ଟନାୟକ, ହିଂମାଂଶୁ ଲେଙ୍କା, ଶ୍ରୀୟାସ୍ମିତା ପଣ୍ଡା, ମୋହନ ହେମ୍ବ୍ରମ, ଶ୍ରେୟା ମହାନ୍ତି, ସୁଭାଷ ପ୍ରଧାନ, ପ୍ରଦୀପ ମହାପାତ୍ର, ସୁଧାଂଶୁ ଦେଓ, ଭୋକାଲି ସେଠୀ, ମୋଟରାଜ ଡୁଙ୍ଗଡୁଙ୍ଗ, ତାପସ ସେଠୀ, ଦେବେନ୍ଦ୍ର ପ୍ରସାଦ ଦାସ, ଅଜୟ ମହାପାତ୍ର, ନଳିନୀକାନ୍ତ ନାୟକ, ବଟକୃଷ୍ଣ ରାଉତରାୟ, ଲଲାଟେନ୍ଦୁ ଦାସ, ଖଗେଶ୍ୱର ମଲ୍ଲିକ, ଚାଲୁ ମଙ୍ଗରାଜ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ ଓ ସେବାଦଳର କର୍ମୀମାନେ ଯୋଗଦେଇଥିଲେ।

## ଧର୍ମଶାଳା ବିଜେପି ପକ୍ଷରୁ ଜନ ଅକ୍ରୋଶ ମହିଳା ସମାବେଶ

ଧର୍ମଶାଳା,୨୮।୪: ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଜାରକାସ୍ଥିତ ମହୋତ୍ସବ ପଡିଆରେ ମହିଳା ସଂରକ୍ଷଣ ବିଲ ପାସ ନହେବା ପ୍ରତିବାଦରେ ବିଜେପି ପକ୍ଷରୁ ଏକ ଜନ ଆକ୍ରୋସ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ବିଜେପି ସଭାପତି ଦେବଯାନୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ସଭାନେତ୍ରୀ ଏସର୍ଯ୍ୟା ବିଶ୍ୱାଳ, ଆସିକା ସାଂସଦ ଅନିତା ଶୁଭଦର୍ଶନୀ




ପଟ୍ଟନାୟକ, ଯାଜପୁର ସାଂସଦ ରବିନ୍ଦ୍ର ନାରାୟଣ ବେହେରା, ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ପୁର୍ବତନ ସାଂସଦ ରିତା ତରେଇ, ଯାଜପୁର ଜିଲ୍ଲା ବିଜେପି ସଭାନେତ୍ରୀ ଦିପ୍ତୀପ୍ରଭା ମିଶ୍ର, ପୁର୍ବତନ ଜିଲ୍ଲା ସଭାପତି ଆଶୁତୋଷ ପରିଡା,ଧର୍ମଶାଳା ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର ପ୍ରମୁଖ୍ ? ?ଯାଗଦେଇ ମହିଳାମାନଙ୍କ ପାଇଁ ମୋଦୀ ସରକାର ଆଣିଥିବା ମହିଳା ସଂରକ୍ଷଣ ବିଲକୁ କଂଗ୍ରେସ ସମେତ ବିରୋଧି ଦଳମାନେ ଚ୍ରକ୍ରନ୍ତ କରି ସଂସଦରେ ବିଲ ପାସ କରାଇ ଦେଇ ନଥିଲେ । ଆଗାମି ଦିନରେ ସାଧାରଣ ମହିଳାମାନେ ବିରୋଧିଙ୍କୁ ଏହାର ଉଚିତ ଜବାବ ଦେବେବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସଭାକାର୍ଯ୍ୟ ଶେଷ ହେବା ପରେ ମହିଳାମାନେ ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ନବୀନ ପଟ୍ଟନାୟକ ଓ ମମତା ବାନାର୍ଜୀଙ୍କ କୁଷପୁତଳିକୁ ସେଠାରେ ଦାହ କରିଥିଲେ । ଏହି ସମୟରେ ମହିଳମାନେ ମୋଦୀ ସରକାର ଜିନ୍ଦାବାଦ ଓ କଂଗ୍ରେସ ମୁର୍ଦାବାଦ ଆଦି ନାରାବାଜି କରିଥିଲେ । ଏହି କା୍ ?ର୍ଯ୍ୟକ୍ରମକୁ ଯୁବ ସଂଗଠକ ରାଜେଶ ପାଳ,କାହ୍ନୁ ଚରଣ ଦାଶ, ଦେବରାଜ ମିଶ୍ର, ଜିତେନ୍ଦ୍ର ରାଉତ, ପ୍ରଦୀପ ପରିଡା, ଦେବଦତ ପଣ୍ଡା,ସିବୁଲି ଧିର, ଆଲୋକ ଲେଙ୍କା. ଚନ୍ଦ୍ରମଣି ପଣ୍ଡିତ, ଉପେନ୍ଦ୍ର କର, ଲୋକନାଥ ମହାନ୍ତି, ନିର୍ମଳ ପ୍ରଧାନ, ସୁଦାମ ବେହେରା, ତୁସାର ରାୟ, ନାରାୟଣ ମଲିକ, ସବ୍ୟସାଚୀ ସୁନ୍ଦରରାୟ, ପ୍ରୟବ୍ରତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

## ଛତ୍ରପୁର ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ ପାଳନ

### ୭ଜଣ ବରିଷ୍ଠ ଓକିଲଙ୍କୁ ସମ୍ବର୍ଦ୍ଧନା

ଛତ୍ରପୁର,୨୮/୪: ଛତ୍ରପୁର ଓକିଲ ସଂଘ ପକ୍ଷରୁ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଓକିଲ ସଂଘର ସଭାପତି ଏଲ୍ ?.ଗୋପାଲ ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାଭିମାନର ପ୍ରତିକ ତଥା ଓଡିଶା ପ୍ରଦେଶର ସ୍ୱାଭିମାନ ପାଇଁ ଅକ୍ଲାନ୍ତ ପ୍ରଚେଷ୍ଟାର ମୁଖ୍ୟ ଭୂମିକା ଗ୍ରହଣ କରିଥିବା ମଧୁବାବୁଙ୍କ ସ୍ମୃତିଚ୍ାରଣ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ ଜିଲ୍ଲା ଗିରା ଜଜ୍



ପ୍ରଦୀପ କୁମାର ସାମଲ, ସବ୍ ?ଜଜ୍ ପୂଜା ଦେ,, ଏସ୍ ?ଡିଜେଏମ୍ ବିଷ୍ଣୁପ୍ରିୟା ସାମନ୍ତରାୟ, ଜେଏମ୍ ?ଏଫସି ସ୍ୱାଗତିକା ସ୍ୱାଇଁ ପ୍ରମୁଖ ଯୋଗଦେଇ ଓଡିଆ ଭାଷାର ପ୍ରତିଷ୍ଠାତା ଯାହାଙ୍କ ପାଇଁ ଓଡିଆ ପ ?ିବା ତଥା ଓଡିଆ ଭାଷା ପ୍ରଚଳିତ ହୋଇଛି ସେହି ମହାପୁରୁଷଙ୍କ ବିଷୟରେ ଗୁରୁତ୍ୱାରୋପ କରିଥିଲେ । ମଧୁବାବୁଙ୍କ ଜୟନ୍ତୀ ଅବସରରେ ଓକିଲ ସଂଘର ବରିଷ୍ଠ ଓକିଲ ସିଏଚ୍ ?.ତ୍ରିଲୋଚନ ରେଡ୍ଡୀ, ବି.ଶ୍ରୀନିବାସ ରାଓ, ବ୍ରଜମୋହନ ଆଚାର୍ଯ୍ୟ, ମନୋଜ କୁମାର ବେହେରା, ଭୈରବୀ ପଟ୍ଟନାୟକ, ପର୍ଶୁରାମ ଗୌଡ ଓ କାଳିପ୍ରସାଦ ଦାଶ ପ୍ରମୁଖ ୭ ଜଣ ବରିଷ୍ଠ ଓକିଲଙ୍କୁ ଅତିଥିମାନଙ୍କ ଦ୍ୱାରା ଉପ ? ?କନ ପ୍ରଦାନ ପୂର୍ବକ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଓକିଲ ସଂଘର ଉପସଭାପତି ପ୍ରଦୀପ କୁମାର ପଲାଇ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସଂପାଦକ କେ.ଦୁର୍ଯ୍ୟୋଧନ ରେଡ୍ଡୀ ବିବରଣୀ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଘର ସମସ୍ତ ବରିଷ୍ଠ ସଦସ୍ୟମାନଙ୍କ ଠାରୁ ଆରମ୍ଭ କରି ସମସ୍ତ ସଦସ୍ୟ ତଥା ଓକିଲମାନେ ଉପସ୍ଥିତ ଥିଲେ ।

## ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬

# ପହିଲାରୁ ପାର୍ଟିର ସମସ୍ତ ୩୭ ସାଂଗଠନିକ ଜିଲ୍ଲାରେ ପ୍ରଶିକ୍ଷଣ ବର୍ଗ କାର୍ଯ୍ୟକ୍ରମ

ଭୁବନେଶ୍ୱର,ତା.୨୮/୦୪: ପ୍ରଥମରେ ରାଷ୍ଟ୍ର, ଦ୍ୱିତୀୟରେ ସଂଗଠନ ଏବଂ ତୃତୀୟ ତଥା ଶେଷରେ ବ୍ୟକ୍ତି ଏହା ହେଉଛି ବିଜେପିର ମୂଳମନ୍ତ୍ର । ବିଜେପି ତାର କାର୍ଯ୍ୟକର୍ତାମାନଙ୍କର ଶାରୀରିକ, ମାନସିକ, ବୌଦ୍ଧିକ ଏବଂ ରାଜନୈତିକ ବିକାଶ କରିବାକୁ ବିଭିନ୍ନ ସମୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିଥାଏ। ଏହି କ୍ରମରେ ଆଜି ରାଜ୍ୟ କାର୍ଯ୍ୟାଳୟରେ "ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬" କୁ ସଫଳ କରିବା ପାଇଁ ପ୍ରଦେଶ ସ୍ତରୀୟ ଆଇଟି ଓ ପ୍ରଦର୍ଶନୀ ଟୋଲୀ ବୈଠକ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଆୟୋଜିତ ଯୋଜନା ବୈଠକରେ ରାଜ୍ୟ ସଭାପତି ଶ୍ରୀ




ମନମୋହନ ସାମଲ, ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି, ପୂର୍ବ ଭାରତ ପ୍ରଶିକ୍ଷଣ ସଂଯୋଜକ ପ୍ରଫେସର ଦିନେଶାନନ୍ଦ ଗୋସ୍ୱାମୀ, ରାଜ୍ୟ ସଂଯୋଜକ ତଥା ସାଂସଦ ଶ୍ରୀ ବଳଭଦ୍ର ମାଝୀ, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ଶ୍ରୀ ମାନସ କୁମାର ମହାନ୍ତିଙ୍କ ସମେତ ରାଜ୍ୟ ଓ ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତା ଯୋଗଦେଇ ବିସ୍ତୃତ ଭାବରେ ଆଲୋଚନା କରିଥିଲେ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ବିରଂଚି ନାରାୟଣ ତ୍ରିପାଠୀ ସୂଚନା ଦେଇଛନ୍ତି ।

ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ ସଂପର୍କରେ ସୂଚନା ଦେଇ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ପ୍ରଶିକ୍ଷଣ ଭାରତୀୟ ଜନତାପାର୍ଟି କାର୍ଯ୍ୟକର୍ତାମାନଙ୍କର ଏକ ପ୍ରମୁଖ ଅଙ୍ଗ। କାର୍ଯ୍ୟକର୍ତା ମାନଙ୍କର ବିକାଶ ପାଇଁ ପ୍ରଶିକ୍ଷଣ ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଭାରତୀୟ ଜନତାପାର୍ଟିର ସାଂଗଠନିକ କ୍ଷେତ୍ରରେ ସୋସିଆଲ ମିଡିଆ, ଆଇଟି ଏବଂ ପ୍ରଦର୍ଶନୀ ସମ୍ବନ୍ଧିତ ପ୍ରଶିକ୍ଷଣ ବର୍ଗରେ କିପରି ଉପଯୋଗ କରାଯିବ ସେସବୁ ବିଷୟରେ ଏହି ବୈଠକରେ ବିସ୍ତୃତ ଆଲୋଚନା ଓ ଯୋଜନା କରାଯାଇଛି। ଏହାପୂର୍ବରୁ ଓଡିଶାର ୧୦୫୨ ମଣ୍ଡଳରେ ପ୍ରଶିକ୍ଷଣ ବର୍ଗ ସମାପ୍ତ ହୋଇସାରିଛି। ଆସନ୍ତା ମେ' ମାସ ୧ ତାରିଖ ଠାରୁ ପାର୍ଟିର ସମସ୍ତ ୩୭ଟି ସାଂଗଠନିକ ଜିଲ୍ଲାରେ ପ୍ରଶିକ୍ଷଣ ବର୍ଗ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହାପରେ ସମସ୍ତ ୭ ମୋର୍ଚ୍ଚାର ଜିଲ୍ଲାସ୍ତରରୁ ଆରମ୍ଭ କରି ପ୍ରଦେଶ ସ୍ତର ପର୍ଯ୍ୟନ୍ତ କାର୍ଯ୍ୟକର୍ତା, ବିଧାୟକ ଓ ସାଂସଦମାନଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏ ସମସ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟ ମଧ୍ୟରେ କିପରି ସମାପ୍ତ ହେବ ସେ ଉପରେ ବୈଠକରେ ଖସଡା ପ୍ରସ୍ତୁତ କରାଯାଇଥିଲା ବୋଲି ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି ।

# ରେକର୍ଡ ସଂଖ୍ୟକ ସଂକୀର୍ତ୍ତନ ମଣ୍ଡଳୀଙ୍କ ସମ୍ମିଳନୀ

ନବରଙ୍ଗପୁର : ଶ୍ରୀ ଶ୍ରୀ ଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକ କଳା ପରିଷଦ, ଓଡିଶା ଏବଂ ନବରଙ୍ଗପୁର ଜିଲ୍ଲା ସଙ୍କୀର୍ତ୍ତନ ମଣ୍ଡଳୀ ମହାସଂଘ ଆନୁକୂଲ୍ୟରେ ସ୍ଥାନୀୟ ରାଜା ଚୈତନ୍ୟ ବିଦ୍ୟାଳୟ ପଡିଆ ଠାରେ ଜିଲ୍ଲା ସ୍ତରୀୟ ସଂକୀର୍ତ୍ତନ ଓ ଲୋକ କଳାର ମହାସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନବରଙ୍ଗପୁର ଜିଲ୍ଲାର ୧୦ ଗୋଟି ବ୍ଲକର ୩୨୮ ଟି ନାମ ସଂକୀର୍ତ୍ତନ ମଣ୍ଡଳୀର ଭକ୍ତ କଳାକାର ମାନେ ବାଜା



ବାଜାଣ ଏବଂ ଶଙ୍ଖନାଦ ସହ ସ୍ଥାନୀୟ ଚ୍ାଉରିଆଗୁଡା ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରୁ ଏକ ବିରାଟ ଶୋଭାଯାତ୍ରାରେ ଆସି ରାଜା ଚୈତନ୍ୟ ବିଦ୍ୟାଳୟ ପଡିଆରେ ପହଞ୍ଚିଥିଲେ । ଉକ୍ତ ଶୋଭାଯାତ୍ରା ରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରାୟ ତିନି ହଜାର ରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ସଭ୍ୟ ସମେତ ସମସ୍ତ ବ୍ଲକର ଗୁରୁ ଏବଂ ବ୍ଲକ ସ୍ତରୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ । ଶୋଭାଯାତ୍ରା ଶେଷରେ ରାଜା ଚୈତନ୍ୟ ବିଦ୍ୟାଳୟ ପଡିଆରେ ଏକ ବିରାଟ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ମାନନୀୟ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ନିଜ ଅଭିଭାଷଣରେ ନାମସଂକୀର୍ତ୍ତନ ମଣ୍ଡଳୀର ସମସ୍ତ କର୍ମକର୍ତ୍ତାଗଣ ଙ୍କୁ ଶୁଭେଚ୍ଛା ଜଣାଇବ ସହ ସଂଘର କର୍ମକର୍ତ୍ତାଙ୍କ ଅନୁରୋଧ କ୍ରମେ ସରକାରଙ୍କ ନିୟମ ଅନୁଯାୟୀ ନବରଙ୍ଗପୁର ସଦରମହାକୁମା ଠାରେ ଏକ ସଂକୀର୍ତ୍ତନ ମଣ୍ଡଳୀଙ୍କ ସମ୍ମିଳନୀ ଗୃହ ପ୍ରତିଷ୍ଠା ନିମନ୍ତେ ପ୍ରତିଶୃତି ଦେଇଥିଲେ । ସେହିପରି ଡାବୁଗାଁ ବିଧାୟକ ମନୋହର ରନ୍ଧାରି , ରାଜ ପୁରୋହିତ ନରସିଂଗ ତ୍ରିପାଠୀ , ପୁରୀ ରୁ ଆସିଥିବା ମହନ୍ତ ଶ୍ରୀ ଦିବ୍ୟାନନ୍ଦ ଦାସ , ସୁଦୂର ବୃନ୍ଦାବନ ରୁ ଆସିଥିବା ଆଚାର୍ଯ୍ୟ ଅଭିଶେଖ ପାଠକ , ସଂଘର ରାଜ୍ୟ ସଭାପତି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ , ରାଜ୍ୟ ଉପସଭାପତି କୃଷ୍ଣ ଚନ୍ଦ୍ର ପାଲ , ରାଜ୍ୟ ସମ୍ପାଦକ ଦୁଷ୍ମନ୍ତ ପୁରୋହିତ , ଜିଲ୍ଲା ସଂକୀର୍ତ୍ତନ ମଣ୍ଡଳୀ ସଂଘର ଉପଦେଷ୍ଟା ସମାଜ ସେବୀ ମାନସ ରଞ୍ଜନ ଦାସ ,ଅନ୍ୟତମ ଉପଦେଷ୍ଟା ତଥା ଟେଲି ଫିଲ୍ମ ନିର୍ଦ୍ଦେଶକ ମନୋଜ କୁମାର ପଟନାୟକ, ଜିଲ୍ଲା କିନ୍ନର ସଙ୍ଘର ସମ୍ପାଦକ ଚୁମୁକି କିନ୍ନର , ସଂଘର ନବରଙ୍ଗପୁର ଜିଲା ସମ୍ପାଦକ ଅର୍ଜୁନ ଭାତରା , ଉପ ସଭାପତି ଭୀଷ୍ମ ଶବର , ଯୁଗ୍ମ ସମ୍ପାଦକ ଗଙ୍ଗାଧର ମାଳି ଏବଂ ଭବାନୀ ବିଷୋୟୀ ,କୋଷାଧ୍ୟକ୍ଷ ରାମ ମୋହନ ଚୌଧୁରୀ ସମେତ ଅଭିଭକ୍ତ କୋରାପୁଟ ଜିଲ୍ଲାରୁ ଆସିଥିବା ସଂଘର ସଭାପତି ଓ ସମ୍ପାଦକ ମଞ୍ଚାସୀନ ଥିଲେ । ଶେଷରେ ଜିଲା ସଂଘର ଉପଦେଷ୍ଟା ସମାଜସେବୀ ସର୍ବ ?ଶ୍ୱର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ସଂଘ ର ସମ୍ପାଦକ ତଥା କାର୍ଯ୍ୟକ୍ରମ ଆବାହକ ଅଶୋକ ପାତ୍ର ମଞ୍ଚ ପରିଚ୍ାଳାନା କରିଥିଲେ । ପ୍ରସାଦ ସେବନ ପରେ ବାହାରୁ ଆସିଥିବା ସମସ୍ତ ସାଧୁ , ମହନ୍ତ ଏବଂ ରାଜ୍ୟ କର୍ମକର୍ତ୍ତା ଙ୍କ ସହ ଜିଲା କର୍ମକର୍ତ୍ତା ତଥା ଶଙ୍କିରତାନ ମଣ୍ଡଳୀ ର ଭକ୍ତ କଳାକାର ମାନଙ୍କ ସହ ଆଗାମୀ ଦିନର କାର୍ଯ୍ୟ ପନ୍ଥା ନିମନ୍ତେ ଆଲୋଚ୍ନା ହୋଇଥିଲା ଏବଂ ଏଥିରେ ଆଗାମୀ ଦିନରେ ସଂଘ ପକ୍ଷରୁ ସାରା ଓଡିଶାରେ ରକ୍ତ ଦାନ କାର୍ଯ୍ୟକ୍ରମ କରିବା ନିମନ୍ତେ ସ୍ଥିର କରାଗଲା ଏବଂ ଆଗାମୀ ଦିନରେ ବିଶ୍ୱ ଶାନ୍ତି ନିମନ୍ତେ ଭଗବତ ପାଠ ଏକ ସହ ଏକ ବଡ ଧରଣର ଯଜ୍ଞ ର ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ନିଆଗଲା । ଜିଲା ସଂଘର ପ୍ରୟାସ କ୍ରମେ ନବରଙ୍ଗପୁର ଜିଲାର ଅଧିକାଂଶ ଗ୍ରାମର ଲୋକ ମଦ ଛାଡି ଆଧ୍ୟାତ୍ମିକ ରାସ୍ତାରେ ଆସି ନିଜକୁ ସଜାଡି ପାରୁଛନ୍ତି ଜାଣି ବାହାରୁ ଆସିଥିବା ଅତିଥି ଖୁସି ପ୍ରକଟ କରିବା ସହ ଆଗାମୀ ଦିନରେ ଏପରି ମଦ ଛାଡ କାର୍ଯ୍ୟକ୍ରମ ସାରା ରାଜ୍ୟରେ କରିବା ନିମନ୍ତେ ଆଶା ପ୍ରକଟ କରିଥିଲେ । ଏହି ଅବସରରେ ଜିଲ୍ଲାର କୋଣ ଅନୁକୋଣରୁ ଆସିଥିବା ବିଭିନ୍ନ ଜାତି ଏବଂ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ ।

## ରାଜଗାଙ୍ଗପୁର ସହରର ଗୌରବ ସ୍ମିତା ଓ ତାପସ୍

ରାଜଗାଙ୍ଗପୁର : ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟ ଧଉଳିଗିରି କଲୋନୀ ରେ ସେ ପରିବାର ରହୁଥିବା ସ୍ମିତା ଗିରି ଭୁବନେଶ୍ୱର ରେ ଆୟୋଜିତ ରାଜ୍ୟ ଭାର ଉତ୍ତୋଳନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସମଗ୍ର ରାଜ୍ୟ ରୁ ଆସିଥିବା ଖେଳାଳି ଙ୍କୁ ପଛରେ ପକାଇ ଦ୍ୱିତୀୟ ସ୍ଥାନ ଓ ତାପସ୍ ଭଟ୍ଟାଚ୍ାର୍ଯ୍ୟ ତୃତୀୟ ସ୍ଥାନ ଅଧିକାର କରିବାରେ



ସଫଳ ହୋଇଥିଲେ ଉକ୍ତ ସଫଳତା ପାଇଁ ପ୍ରଶିକ୍ଷଣ ଟ୍ରେନର ବାସୁ ଭାଇ ତାପସ ଭାଇ ଆକାଶ ବର୍ମା ଙ୍କ କଠିଣ ପରିଶ୍ରମ ଏବଂ ତାଙ୍କର ସ୍ୱାମୀ, ମାଁ ଙ୍କ ଠାରୁ ପ୍ରେରଣା ପାଇଥିବା ସ୍ମିତା ଗିରି ସୁଚ୍ନା ଦେଇଥିଲେ ଆଗକୁ ସେ ଦେଶ ପାଇଁ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିବା ପାଇଁ ଦିନରାତି ପରିଶ୍ରମ କରୁଥିବା କହିଥିଲେ। ଉକ୍ତ ଖବର ରାଜଗାଙ୍ଗପୁର ସହର ରେ ଚ୍ର୍ଚ୍ଚା ର କେନ୍ଦ୍ର ବିନ୍ଦୁ ପାଲଟିଛି।

## ଉତ୍କଳ ସମ୍ମିଳନୀ ପକ୍ଷରୁ ଦୁଇ ବର ପୁତ୍ରଙ୍କ ଜନ୍ମ ଜୟନ୍ତୀ ପାଳନ

ରାଜଗାଙ୍ଗପୁର,୨୮।୪(ନି.ପ୍ର.); ଉତ୍କଳ ସମ୍ମିଳନୀ ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଶାଖା ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସ ଙ୍କ ୧୭୮ତମ ଏବଂ ଓଡିଶାର ପ୍ରଥମ ପ୍ରଧାନ ମନ୍ତ୍ରୀ ଗଜପତି କୃଷ୍ଣ ଚନ୍ଦ୍ର ଗଜପତି ମହାରାଜ ଙ୍କ ୧୩୪ ତମ ଜୟନ୍ତୀ ମହାସମାରୋହରେ ରାଜଗାଙ୍ଗପୁର କମ୍ୟୁନିଟି ସେଣ୍ଟର ଠାରେ ଅନୁଷ୍ଠିତ କରା ଯାଇ ଥିଲା । ଉତ୍କଳ ସମ୍ମିଳନୀ ର ସଭାପତି ପଦ୍ମ ଲାଭ ସାମଲ ଙ୍କ ନେତୃତ୍ୱ ରେ ଜନ୍ମ ଜୟନ୍ତୀ ପାଳନ କରା ଯାଇ ଥିଲା । ଜନ୍ମ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ବେଦବ୍ୟାସ ଗୁରୁକୁଳ ସଂସ୍କୃତି ମହାବିଦ୍ୟାଳୟ ରେ ଅଧ୍ୟକ୍ଷ ଡ଼ଃ ରମାକାନ୍ତ ପଣ୍ଡା ସମ୍ମାନୀୟ ଅତିଥି ଭାବେ ଅବସର ପ୍ରାପ୍ତ ଡାଲମିଆ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ,



ସରବତୀ ଦେବୀ ମହିଳା ମହା ବିଦ୍ୟାଳୟ ର ଅଧ୍ୟକ୍ଷ ଡ଼ଃ ଅଶୋକ କୁମାର ବେଉରା ଶିକ୍ଷାବିତ ଗୁରୁଗୌରବ ପଣ୍ଡିତ ଡ଼ଃ ନିଶିକାନ୍ତ ମିଶ୍ର, ଗୋବିନ୍ଦ ଚ୍ନ୍ଦ୍ର ମିଶ୍ର, ଉତ୍କଳ ସମ୍ମିଳନୀ ର ଉପ ସଭାପତି ଅମ୍ବିକା ପ୍ରସନ ମହାନ୍ତି ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ସମ୍ମାନୀୟ ଅତିଥି ଏବଂ ଉତ୍କଳ ସମ୍ମିଳନୀ ର ମୁଖ୍ୟ କର୍ମକର୍ତ୍ତା ମାନଙ୍କ ଦ୍ୱାରା ଜନ୍ମଜୟନ୍ତୀ ଉତ୍ସବ ରେ ସ୍ଥାପିତ ପ୍ରଭୁ ଜଗନ୍ନାଥ ଏବଂ ଓଡ଼ିଆ ଜାତି ରେ ମୁକୁଟ ବିହୀନ ସମ୍ରାଟ ଓଡ଼ିଆ ସ୍ୱାଭିମାନୀ ପ୍ରଚ୍ଣ୍ଡ ଅଗ୍ନି ଶିଖା ଉତ୍କଳ ଗୌରବ ମଧୁସୂଦନ ଦାସ ଏବଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ର ବିନ୍ଧାଣି ଦେଶ ପ୍ରେମୀ ଭାଷା ପ୍ରେମୀ ସୁଶାସକ ପ୍ରଜାବତ୍ସଳ ଙ୍କ ତୈଳ ଚ୍ିତ୍ର ସମ୍ମୁଖରେ ରେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ପୁଷ୍ପ ମାଲ୍ୟାର୍ପଣ ପ୍ରଦାନ କରିଥିଲେ। ସଭାପତି ପଦ୍ମ ଲାଭ ସାମଲ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରି ଥିଲେ । ମୁଖ୍ୟ ବ୍ୟକ୍ତା ଏବଂ ସମ୍ମାନୀୟ ଅତିଥି ଦୁଇ ବରପୁତ୍ର ଙ୍କ ଉପରେ ଦିଗାନ୍ତ ଭାଷଣ ପ୍ରଦାନ କରି ଥିଲେ । ଅତିଥି ମାନଙ୍କ ଦ୍ୱାରା ଓଡ଼ିଆ ଭାଷା ଏବଂ ଅନ୍ୟାନ ବିଭାଗ ରେ ଅଧିକ ନମ୍ବର ରଖି ଥିବା ଛାତ୍ର ଛାତ୍ରୀ ଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନୀତ କରା ଯାଇଥିଲା କ୍ଷ ଉତ୍କଳ ସମ୍ମିଳନୀ ର ବରିଷ୍ଠ କର୍ମକର୍ତା ସୁରେଶ ଚ୍ନ୍ଦ୍ର ବାରିକ, କୃଷ୍ଣ ଚ୍ନ୍ଦ୍ର ମହାରଣା,କାର୍ତ୍ତିକ ଚ୍ନ୍ଦ୍ର ବେହେରା, ବରିଷ୍ଠ ନାଗରିକ କମିଟିର ସମ୍ପାଦକ ଜଗତନାରାୟଣ ଶର୍ମା ଶିକ୍ଷ୍ୟବିତ୍ତ ଶୁଶ୍ରୀ ପିଟର ବହୁ ସ୍କୁଲ ର ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଛାତ୍ର ଛାତ୍ରୀ ମାନେ ଯୋଗ ଦେଇଥିଲେ । ଶେଷରେ ଉତ୍କଳ ସମ୍ମିଳନୀର ଉପସଭାପତି ଅମ୍ବିକା ପ୍ରସନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜଗାଙ୍ଗପୁର ପୋଲିସ ପକ୍ଷରୁ ବେଆଇନ ସାଇଲେନ୍ସ ଧରପଗଡ଼

ରାଜଗାଙ୍ଗପୁର : ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କିଶୋର ଦାଶ ଙ୍କ ନେତୃତ୍ୱରେ ସହର ର ବିଭିନ୍ନ ରାସ୍ତା ଛକ ଠାରେ ବେ ଆଇନ ଶବ୍ଦ ପ୍ରଦୂଷଣ ସୃଷ୍ଟିକାରୀ ଦୁଇ ଚ୍କିଆ ଗାଡି ରେ ବ୍ୟବହାର କରୁଥିବା ଗାଡ଼ି ଚ୍ାଳକ ଙ୍କ ବିରୁଦ୍ଧରେ ଏମଭି ଯାଞ୍ଚ ସମୟରେ ଯାଞ୍ଚ କରି ଏଗାର ଟି ମଟର ସାଇକେଲ ଧରିବାରେ ସଫଳ ହୋଇଥିଲେ ଚ୍ାଳକ ଙ୍କ ଠାରୁ ସରକାରୀ ନିୟମ ଅନୁସାରେ ପଚ୍ିଶ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଥାନା ଅଧିକାରୀ ବିଜୟ କିଶୋର ଦାଶ ସୂଚ୍ନା ଦେଇଥିଲେ।

# ପୁରୁଣାଗଡ଼ ରୁ ଚୋରା ଶାଗୁଆନ କାଠ ଜବତ

ଅନୁଗୋଳ : ଗତ ୨୬ ତାରିଖ ଅପରାହ୍ନ ପ୍ରାୟ ଦୁଇଟା ସମୟରେ ଅନୁଗୋଳ ରେଞ୍ଜ ଅଫିସରଙ୍କ ତତ୍ତ୍ୱାବଧାନ ରେ ପୁରୁଣାଗଡ଼ ମଦନମୋହନ ପାଟଣା ସାହି ରେ ଚ୍ଢାଉ କରାଯାଇ ଚୋରା ଶାଗୁଆନ କାଠ ଜବତ କରାଯାଇଥିଲା ।ଗୋଟିଏ ବିଲରୁ ରଖା ଯାଇଥିବା ଛ ଟି ଶାଗୁଆନ ପଟା ଏବଂ ସାତଟି ଶାଗୁଆନ ଗଣ୍ଡି ଜବତ କରାଯାଇଥିଲା ।ଜବତ କାଠର ପରିମାଣ ୧୦.୪୩୭ ସିଏଫ୍ଟି।କାଠ ସବୁକୁ ଜବତ୍ କରାଯାଇ ଅଧିକ ତଦନ୍ତ କରାଯାଉଛି ।ଏହି ଚ୍ଢଉ ଟିମ୍ ରେ ସରୋଜ କୁମାର ସିଂହ,ଅଭିମନ୍ୟୁ ମାଝୀ ଫରେଷ୍ଟର,ରତୁପର୍ଣ୍ଣା ବିଶ୍ୱାଳ,ଗୌରହରି ସେଠୀ,ଜୟସ୍ମିତା ସାହୁ ଏବଂ ଲିଜା



ରାଣୀ ମାଝୀ ,ବିକାଶ କୁମାର ଓଝା ଫରେଷ୍ଟ ଗାର୍ଡ ଙ୍କ ସମେତ ଗଜମିତ୍ର ମାନେ ସାମିଲ ଥିଲେ ।

## ଭାରସାମ୍ୟ ହରାଇ ଓଲଟିଲା ଯାତ୍ରୀବାହି ବସ୍, ୨୬ ଆହତ

ନୟାଗଡ଼, ୨୮/୪(ମନ୍ଥନ )ନୟାଗଡ଼ ବାଲୁଗାଁ ଖେଡ଼ପଡ଼ା ନିକଟରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ରାକମା ରୁ ୪୦ ରୁ ଉର୍ଦ୍ଧ ଯାତ୍ରୀଙ୍କୁ ନେଇ ନୟାଗଡ଼ ଆସୁଥିବା ବେବି ନାମକ ବସଟି ସକାଳ ୮. ୩୦ମିନିଟି ସମୟରେ ନୟାଗଡ଼ ବାଲୁଗାଁ ନିକଟବର୍ତ୍ତୀ ଖେଡ଼ପଡ଼ା ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ପ୍ରାୟ ୨୬ ଜଣ ଯାତ୍ରୀ ଆହତ ହୋଇଥିବା ସୂଚ୍ନା ମିଳିଛି ।ଆହତ ମାନେ ଗ୍ରାମବାସୀଙ୍କ ସହାୟତାରେ ଉଦ୍ଧାର କରାଯାଇ ନୟାଗଡ଼ ମେଡିକାଲରେ ଚ୍ିକିତ୍ସା ପାଇଁ ଭର୍ତ୍ତି କରାଯାଇଛି ।୨୬ ଜଣ ଆହତଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି ।ଉକ୍ତ ଗାଡ଼ିରେ ଆସୁଥିବା ଯାତ୍ରୀଙ୍କ ସୂଚ୍ନା ମୁତାବକ



ଗାଡିଟି ରାକମା ରୁ ନୟାଗଡ଼ ଅଭିମୁଖେ ପ୍ରାୟ ୫୦ ଜଣ ଯାତ୍ରୀଙ୍କୁ ନେଇ ଆସୁଥିବା ବେଳେ ଡ୍ରାଇଭର ନିଶାସକ୍ତ ହୋଇ ଦ୍ରୁତଗତିରେ ଗାଡି ଚ୍ାଳନା ଏବଂ ମହିଳାଙ୍କ ସହ କଥାବାର୍ତା ହେବା ଫଳରେ ଗାଡିଟି ନିୟନ୍ତ୍ରଣ ହରାଇ ଓଲଟି ପଡିଥିଲା

# ଇଗ୍ନୋ ଭୁବନେଶ୍ୱର ପକ୍ଷରୁ ୩୦ରେ ମେଗା କ୍ୟାମ୍ପସ୍ ଡ୍ରାଇଭ୍

ଭୁବନେଶ୍ୱର,୨୮।୪: ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ର ଭୁବନେଶ୍ୱର ଏବଂ ରାଇରଙ୍ଗପୁର ଆଞ୍ଚଳିକ କେନ୍ଦ୍ର ପକ୍ଷରୁ ଆସନ୍ତା ୩୦ ଏପ୍ରିଲ ୨୦୨୬ରେ ଏକ କ୍ୟାମ୍ପସ୍ ପ୍ଲେସମେଣ୍ଟ ଡ୍ରାଇଭ୍ ଆୟୋଜନ କରାଯାଉଛି। 'ଟ୍ରେନଗୁରୁ ଏଜୁକେୟାର ପ୍ରାଇଭେଟ୍ ଲିମିଟେଡ୍'ର ସହଯୋଗରେ ଅନୁଷ୍ଠିତ ହେବାକୁ ଥିବା ଏହି ନିଯୁକ୍ତି ଅଭିଯାନ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କେନ୍ଦ୍ର ପରିସରରେ ଅନୁଷ୍ଠିତ ହେବ। ଏଥିପାଇଁ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ସକାଳ ୯:୩୦ ସମୟରେ ରିପୋର୍ଟିଂ କରିବାକୁ ସୂଚନା ଦିଆଯାଇଛି।

ଏହି ନିଯୁକ୍ତି ଅଭିଯାନ ସମସ୍ତ ସ୍ନାତକ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ମୁକ୍ତ ରହିଛି। ବିଶେଷ କରି ଡିପ୍ଲୋମା, ଆଇଟିଆଇ, ବୈଷୟିକ ଏବଂ ଅଣ-ବୈଷୟିକ ପୃଷ୍ଠଭୂମିର ପ୍ରାର୍ଥୀମାନେ ଏଥିରେ ସାମିଲ ହୋଇପାରିବେ। ଶିକ୍ଷାଗତ ଯୋଗ୍ୟତା ପରେ କର୍ପୋରେଟ୍ ଜଗତରେ ନିଜର ବୃତ୍ତିଗତ କ୍ୟାରିଅର୍ ଆରମ୍ଭ କରିବାକୁ ଚାହୁଁଥିବା ଯୁବକଯୁବତୀମାନଙ୍କୁ ଏହି ଅଭିଯାନ ଏକ ଉପଯୁକ୍ତ ପ୍ଲାଟଫର୍ମ ପ୍ରଦାନ କରିବ।

ଏହି ନିଯୁକ୍ତି ଅଭିଯାନରେ ବିଶ୍ୱର ଅନ୍ୟତମ ଅଗ୍ରଣୀ ଥର୍ମାଲ୍ ମ୍ୟାନେଜମେଣ୍ଟ ସଂସ୍ଥା 'ମୋଡିନ୍ ଥର୍ମାଲ୍ ପ୍ରାଇଭେଟ୍ ଲିମିଟେଡ୍' ଅଂଶଗ୍ରହଣ କରୁଛି। ଅଟୋମୋଟିଭ୍, ଶିଳ୍ପ ଏବଂ ବାଣିଜ୍ୟିକ କ୍ଷେତ୍ରରେ ବ୍ୟବହୃତ ଅଭିନବ ଗରମ ଏବଂ କୁଲିଂ ପ୍ରଯୁକ୍ତିବିଦ୍ୟା ପାଇଁ ଏହି କମ୍ପାନୀ ସାରା ବିଶ୍ୱରେ ସୁନାମ ଅର୍ଜନ କରିଛି। ଇଞ୍ଜିନିୟରିଂ ଉତ୍କର୍ଷତା ଏବଂ ସ୍ଥାୟୀ ଉତ୍ପାଦନ ପ୍ରକ୍ରିୟା ପାଇଁ ପରିଚିତ ଏହି ସଂସ୍ଥାରେ କାର୍ଯ୍ୟ କରିବା ନୂତନ ପ୍ରାର୍ଥୀ ବା 'ଫ୍ରେସର୍ସ'ଙ୍କ ପାଇଁ ଏକ ମୂଲ୍ୟବାନ ସୁଯୋଗ ସାବ୍ୟସ୍ତ ହେବ। ଭୁବନେଶ୍ୱର ଇଗ୍ନୋ ଆଞ୍ଚଳିକ କେନ୍ଦ୍ରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ଏମ୍. କେ. ଦାଶ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଶିକ୍ଷାର୍ଥୀମାନଙ୍କୁ ଶିଳ୍ପ ସମ୍ପର୍କ ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ। ଏହା ଶିକ୍ଷାଗତ ଜ୍ଞାନ ଏବଂ କର୍ପୋରେଟ୍ ଆବଶ୍ୟକତା ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରିବ, ଯାହାଫଳରେ ଛାତ୍ରଛାତ୍ରୀମାନେ ସହଜରେ କାର୍ଯ୍ୟକ୍ଷେତ୍ରରେ ଯୋଗ ଦେଇପାରିବେ। ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ଏହି ସୁଯୋଗର ସର୍ବାଧିକ ଉପଯୋଗ କରିବାକୁ ସେ ଆହ୍ୱାନ କରିଛନ୍ତି। ଏଥି ସହିତ ଆୟୋଜକମାନେ ସମସ୍ତ ଯୋଗ୍ୟ ଏବଂ ଆଗ୍ରହୀ ଛାତ୍ରଛାତ୍ରୀଙ୍କୁ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ଏବଂ ସେମାନଙ୍କର କ୍ୟାରିଅର ଆରମ୍ଭ କରିବା ପାଇଁ ଏହି ସୁଯୋଗର ସର୍ବାଧିକ ଉପଯୋଗ କରିବାକୁ ଉତ୍ସାହିତ କରୁଛନ୍ତି ।

## ମାଙ୍କଡ଼ ଆତଙ୍କ,୩ ଆହତ

ବୁଗୁଡା : ବୁଗୁଡାରେ ଦୁଇ ଦିନ ହେଲା ଗୋଟିଏ ହନୁମାଙ୍କଡ଼ ଆତଙ୍କ ଚ଼ଳାଇଛି । ଆଜି ଜଣେ ଟ୍ରଲିଚ଼ାଳକକୁ ଉକ୍ତ ହନୁମାଙ୍କଡ଼ ଆକ୍ରମଣ କରି ଖଣ୍ଡିଆ ଖାବରା କରିଦେଇଛି କ୍ଷ ଆଦିପୁର ଗ୍ରାମର ଟ୍ରଲିଚ଼ାଳକ ନାରାୟଣ ରାଉତ ସବୁଦିନ ଭଳି ଆଜି ମଧ୍ୟ ସକାଳେ ତାଙ୍କର ବୃଦ୍ଧା ମାଆକୁ ନିଜ ଟ୍ରଲିରେ ବସାଇ ବୁଗୁଡା ମେଡିକାଲ ଛକ ନିକଟରେ ଟ୍ରଲି ରଖିଥିବା ବେଳେ ହଠାତ ଏକ ହନୁ ମାଙ୍କଡ଼ ନାରାୟଣ ଉପରକୁ ଡେଇଁ ପଡି ତାଙ୍କ ମୁହଁ ଓ ଦେହକୁ କାମୁଡି ପକାଇ ଥିଲା। ସ୍ଥାନୀୟ ଲୋକେ ହୋହାଲ୍ଲା କରି ମାଙ୍କଡ଼ କବଳରୁ ନାରାୟଣଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲ ନେଇଥିଲେ । ଗତକାଲି ଉକ୍ତ ମାଙ୍କଡ଼ଟି ବ୍ଲକ ଛକର ଟିପୁ ଦାଶଙ୍କ ଗୋଡ଼କୁ କାମୁଡି ରକ୍ତାକ୍ତ କରିଦେଇଥିବା ବେଳେ ବୁଗୁଡା ହାଇସ୍କୁଲ ଛକ ନିକଟରେ ପାନ ଦୋକାନ କରିଥିବା ପ୍ରମୋଦ ମିଶ୍ରଙ୍କ କାନକୁ କାମୁଡି ଖଣ୍ଡିଆ କରିଦେଇଛି । ଆଜି ଅପରାହ୍ନରେ ବୁଗୁଡା ବସଷ୍ଟାଣ୍ଡରେ ଜଣେ ବାଇକ ଆରୋହୀଙ୍କ ମୁଣ୍ଡରେ ଗୁଡାଇ ଥିବା ଗାମୁଛା ଟାଣିନେଇ ଆକ୍ରମଣ କରିବାକୁ ଉଦ୍ୟମ କଲା ବେଳେ ଲୋକେ ପାଟି ତୁଣ୍ଡ କରିବାରୁ ଛାଡି ପଳାଇ ଥିଲା ।

# ଆରକ୍ଷୀ ଅଧିକ୍ଷକ , ଜିଲ୍ଲାପାଳଙ୍କ ବାସଭବନ ଓ ଥାନା ପରିକ୍ରମା କରି ରାଜ ଭୋଗ ଗ୍ରହଣ କଲେ ମା ବ୍ୟାଘ୍ରଦେବୀ

ଛତ୍ରପୁର, ୨୮/୪ : ପ୍ରତ୍ୟେକ ଦୁଇ ବର୍ଷକୁ ଥରେ ଛତ୍ରପୁର ସହରରେ ମା ' ବ୍ୟାଘ୍ରଦେବୀଙ୍କ ଯାତ୍ରା ଅନୁଷ୍ଠିତ ହୋଇଆସୁଥିବା ବେଳେ ଚ଼ଳିତ ବର୍ଷ ଗତ ୨୬ ତାରିଖ ଠାରୁ ମହା ଆଡ଼ମ୍ବର ସହକାରେ ଯାତ୍ରା ଆରମ୍ଭ ହୋଇଛି ।ଏହି ଯାତ୍ରା ନବମ ଦିନ ବ୍ୟାପି ଅନୁଷ୍ଠିତ ହେବ।



ଏହି ଅବସର ରେ ମାଙ୍କ ଘଟ ପାରମ୍ପରିକ ନିୟମ ଅନୁସାରେ ଅସ୍ଥାୟୀ ମନ୍ଦିର ରୁ ବାଜା ବାଜଣା ସହିତ ବର୍ଣ୍ଣାଢ୍ୟ ଶିଭାଯାତ୍ରା ରେ ବାହାରି ଗଞ୍ଜାମ ଆରକ୍ଷୀ ଅଧିକ୍ଷିକଙ୍କ ବଙ୍ଗଳାରେ ପହଂଚ଼ି ଥିଲା । ସେଠାରେ ଆରକ୍ଷୀ ଅଧିକ୍ଷିକ ଶୁଭେନ୍ଦୁ କୁମାର ପାତ୍ର ଏବଂ ତାଙ୍କ ଧର୍ମ ପତ୍ନୀ ବିପଶା ପାରୁଲ ଉପସ୍ଥିତ ରହି ମାଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଛନ୍ତି ।ପରେ ମାଙ୍କ ଘଟ ଜିଲ୍ଲାପାଳଙ୍କ ବାସଭବନ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଏବଂ ତାଙ୍କ ମାଆ ପୂଜାର୍ଚ୍ଚନା କରିଥିଲେ । ସେଠାରୁ ପୁଣି ମାଙ୍କ ଘଟ ଥାନା ପରିକ୍ରମା କରିଥିଲା । ସେଠାରେ ଥାନା ଅଧିକାରୀ ସବ୍ୟସାଚ଼ୀ ମଲ୍ଲି ଏବଂ ଥାନା ର ସମସ୍ତ ଅଧିକାରୀ ଓ କର୍ମଚ଼ାରୀ ମାନେ ମାଙ୍କୁ ବିଭିନ୍ନ ପ୍ରକାର ପୂଜା କରିଥିଲେ । ଏହା ସହିତ ଛତ୍ରପୁର ଏସ୍‌ଡ଼ିପିଓ ଚ଼ନ୍ଦନ କୁମାର ଘଡ଼ାଇ ମଧ୍ୟ ପୂଜାର୍ଚ୍ଚନା କରିଥିଲେ କ୍ଷ ପରେ ମା ଅସ୍ଥାୟୀ ମନ୍ଦିର କୁ ଫେରି ଆସିଥିଲେ । ଆଲୋକ ସଜ୍ଜା ସହିତ ସୁନ୍ଦର ତୋରଣ ରେ ମାଙ୍କ ମନ୍ଦିର ଓ ଅସ୍ଥାୟୀ ମନ୍ଦିର ଝଲସି ଉଠୁଛି । ଆଗାମୀ ଦିନରେ କମିଟି ପକ୍ଷରୁ ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ଓ ମିନା ବଜାର ଅନୁଷ୍ଠିତ ହେବ ବୋଲି ସୂଚ଼ନା ମିଳିଛି ।

# ପ୍ରଶାସନିକ ଅଧିକାରୀଙ୍କ ପତ୍ନୀଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,୨୭।୪:କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଲାହାଖଣ୍ଡ ଭରତପୁରର ଜମିଦାର ପରିବାର ଅବସରପ୍ରାପ୍ତ ଯୁଗ୍ମଶାସନ ସଚିବ ତଥା ଓଡିଶା ସଚିବାଳୟ ସେବା ସଙ୍ଘର ପ୍ରାକ୍ତନ ସଭାପତି ମନୋରଞ୍ଜନ ଦାସଙ୍କ ଧର୍ମପତ୍ନୀ ସମାଜସେବୀ ସ୍ନେହଲତା ଦାସଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତାଙ୍କ ଭରତପୁରସ୍ଥିତ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅବସରପ୍ରାପ୍ତ ଆଇନ ଅଧିକାରୀ ପ୍ରବୋଧ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ଉପଶାସନ ସଚିବ ତଥା ସଚିବାଳୟ ସେବା ସଙ୍ଘର ପୂର୍ବତନ ଉପସଭାପତି ଗୌରପ୍ରସାଦ ଦାସ, ପ୍ରାକ୍ତନ ଅନୁଶାସନ ସଚିବ ପ୍ରମୋଦ କୁମାର ଶତପଥୀ, ସଚିବାଳୟ ସେବା ସଙ୍ଘର ପୂର୍ବତନ ସଭାପତି ତାପସ କୁମାର ସାହୁ, ଅଶୋକ କୁମାର ବେହେରା, ମନୋରଞ୍ଜନ ବିଶ୍ୱାଳ, କେଶବ ଚନ୍ଦ୍ର ସାହୁ, ଆଦିକନ୍ଦ ସାମନ୍ତରାୟ, ଶୁଶ୍ରୁଷା ସ୍ୱେଚ୍ଛାସେବୀ ସଂଗଠନର ସାଧାରଣ ସମ୍ପାଦିକା ତନୁଜା ଦାସ, ଜୀତେନ୍ଦ୍ର ରଥ, ସରୋଜ କୁମାର ପରିଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତା ଦାସଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତା ସ୍ନେହଲତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଧ୍ରୁବ ଚରଣ ପାତ୍ର, ସାଧାରଣ ବରିଷ୍ଠ ନାଗରିକ ବିକାଶ ମଞ୍ଚର ସମ୍ପାଦକ ପିତାମ୍ବର ବିଶ୍ୱାଳ, ପୂର୍ବତନ ଅତିରିକ୍ତ ଶାସନସଚିବ ପୂର୍ବତନ ସଭାପତି ସଚିବାଳୟ ସେବାସଙ୍ଘ ଚିତ୍ତରଞ୍ଜନ ହୋତା, ଚିତ୍ତରଞ୍ଜନ ପ୍ରହରାଜ, ପୂର୍ବତନ ଉପଶାସନ ସଚିବ ବିଘ୍ନରାଜ ସାହୁ, ସଚିବାଳୟ ସେବା ସଙ୍ଘର ପୂର୍ବତନ ସାଧାରଣ ସମ୍ପାଦକ କୃଷ୍ଣ ପ୍ରସାଦ ମହାପାତ୍ର,ବରିଷ୍ଠ ନାଗରିକ ବିକାଶ ମଞ୍ଚ,ଭୁବନେଶ୍ୱରର ସଭାପତି ସିରିଶ କୁମାର ଦାସ ପ୍ରମୁଖଙ୍କ ସମେତ ଓଡିଶା ସଚିବାଳୟର ସେବା ସଙ୍ଘ ବିଭିନ୍ନ ବିଭାଗର କର୍ମଚାରୀ ଓ ଅଧିକାରୀଙ୍କ ସମେତ ଅବସରପ୍ରାପ୍ତ ବରିଷ୍ଠ ବ୍ୟାଙ୍କ ମ୍ୟାନେଜର ପ୍ରକାଶ କୁମାର ଦାସ, ସୁଧାଂଶୁ କୁମାର ଦାସ, ଶୁକାନ୍ତ ଦାସ, ସଞ୍ଜୟ କୁମାର ଦାସ ପ୍ରମୁଖ ୫ଶହରୁ ଅଧିକ ଲୋକ ଯୋଗଦେଇ ସ୍ୱର୍ଗତା ଦାସଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରି ସେ ଶୁଶ୍ରୁଷା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଭାବେ ଭୁବନେଶ୍ୱର ତଥା ଆଖପାଖ ଅଞ୍ଚଳରେ ସେବା ଓ ତ୍ୟାଗର ଯେଉଁ ନିଦର୍ଶନ ସୃଷ୍ଟି କରିଦେଇ ଯାଇଛନ୍ତି ତାର ପଟାନ୍ତର ନାହିଁ ବୋଲି ବକ୍ତବ୍ୟ ରଖିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



## ବ୍ୟାସନଗର ଓକିଲ ସଂଘର ଆଇନଜୀବୀ ଦିବସ ପାଳନ

ବ୍ୟାସନଗର,୨୮।୪: ସ୍ଥାନୀୟ ରୟାଲ କଳିଙ୍ଗ ହୋଟେଲ ପରିସରରେ ବ୍ୟାସନଗର ଓକିଲ ସଂଘର ସଭାପତି ଶ୍ରୀଯୁକ୍ତ ନାରାୟଣ ପ୍ରସାଦ ପତିଙ୍କ ସଭାପତିତ୍ୱରେ ଆଇନଜୀବୀ ଦିବସ ପାଳିତ ହୋଇଅଛି। ଏହି ସଭା ଆରମ୍ଭରେ ସଂଘର ବରିଷ୍ଠ ଓକିଲ ସୁଧାଂସୁ ଶେଖର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ, ସରକାରୀ ଓକିଲ ଶ୍ରୀ ଚନ୍ଦ୍ରଶେଖର ପଣ୍ଡା ମାନ୍ୟବର ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ ଓ ସମ୍ପାଦକ ରବିନ୍ଦ୍ର କୁମାର ନାୟକ



ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଂଘର ଅନ୍ୟତମ ସଦସ୍ୟ କୈଳାଶ ବେହେରା ମଧୁବାବୁଙ୍କ କାର୍ଯାବଳୀ ଉପରେ ଆଲୋକପାତ କରିଥିବା ବେଳେ ସାଂସଦ ଡ. ରବି ନାରାୟଣ ବେହେରା ସମାଜରେ ଓକିଲମାନଙ୍କର ଭୂମିକା ଦର୍ଶାଇ ମକଦ୍ଦମା ପରିଚାଳନା ପାଇଁ କୃତ୍ରିମ ବୁଦ୍ଧିମତ୍ତା ର ପ୍ରୟୋଗ ସମ୍ପର୍କରେ କହିଥିଲେ। ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ନ୍ୟାୟମୂର୍ତ୍ତି ଡ. ଅକ୍ଷୟ କୁମାର ମିଶ୍ର ମଧୁବାବୁଙ୍କ ଚିନ୍ତାଧାରାରେ ଏବେ ପ୍ରୟୋଗ ହେଉଥିବା କୃତ୍ରିମ ବୁଦ୍ଧିମତ୍ତା ଅପେକ୍ଷା ମଧୁବାବୁ ଅଧିକ ବୁଦ୍ଧିମତ୍ତାର ପରିଚୟ ଦେବା ସମ୍ପର୍କରେ ତୁଳନାତ୍ମକ ଏକ ସମିକ୍ଷା କରିଥିଲେ। ଉଚ୍ଚ ନ୍ୟାୟାଳୟର ଅନ୍ୟତମ ଅବସରପ୍ରାପ୍ତ ନ୍ୟାୟମୂର୍ତ୍ତି ଡ.ଦୁର୍ଗା ପ୍ରସନ୍ନ ଚୌଧୁରୀ କହିଥିଲେ ମଧୁବାବୁ କିପରି ନାରୀ ଶିକ୍ଷାର ପ୍ରଚାର ଓ ସମାଜରେ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ ତା'ର ଏକ ତୁଳନାତ୍ମକ ଚିତ୍ର ସେ ପ୍ରଦାନ କରିଥିଲେ। ମଧୁବାବୁ ପେଶାରେ ଓକିଲ ଥିଲେ ,କିନ୍ତୁ ଲୋକମାନଙ୍କର ଉନ୍ନତିପାଇଁ ରାଜନୀତି କରିଥିଲେ। ଏହି ସଭାରେ ବରିଷ୍ଠ ଓକିଲ ସୁଧାଂସୁ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାଶେଷରେ ସଂଘର ଉପସଭାପତି ବିଶ୍ୱମ୍ଭର ସାମଲ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଯାଜପୁରରୋଡ କୋର୍ଟର ବିଚାରପତିମାନଙ୍କ ସମେତ ବୁଦ୍ଧିଜୀବୀମାନେ ଉପସ୍ଥିତ ରହିଥିଲେ। ସଂଘର ବରିଷ୍ଠ ସଭ୍ୟ ଶ୍ରୀ ଜିତେନ୍ଦ୍ର ପ୍ରତିହାରୀ ସମେତ ସମସ୍ତ ସଦସ୍ୟସଦସ୍ୟା ସଭାକୁ ସଫଳ ହେବାରେ ସହଯୋଗ କରିଥିଲେ।

# ରାଜ୍ୟ ସ୍ତରୀୟ ସମ୍ମିଳନୀ ରେ ତହଁକ୍ କୁଟୁମ୍‌କୁ ସାଂଗଠନିକ ସମ୍ମାନ

ବଲାଙ୍ଗୀର,୨୮।୪(ନି.ପ୍ର.): କୋଶଲି ଭାଷା ସୁରକ୍ଷା ସମିତି ଟିଟିଲାଗଡ଼ ର ଆୟୋଜନରେ ଆୟୋଜିତ ହୋଇଥିବା ରାଜ୍ୟ ସ୍ତରୀୟ କୋଶଲି ଭାଷା ସମ୍ମେଳନରେ କୋଶଲି ଭାଷା ସାହିତ୍ୟ ଉପରେ ବିଭିନ୍ନ ଆଲୋଚ଼ନା ହୋଇଥିଲା। ବହୁ ଜିଲ୍ଲାରୁ କବି, ଗବେଷକ, ଆଲୋଚ଼କ, ଭାଷାବିତ୍ ଯୋଗଦେଇ କୋଶଲି ଭାଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବଲାଙ୍ଗିର ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ତହଁକ୍ କୁଟୁମ୍ ଗତ ୧୨ ବର୍ଷ ଧରି କୋଶଲି ଭାଷା ସାହିତ୍ୟକୁ ବଞ୍ଚାଇବା ସହିତ ତାର ପ୍ରଚ଼ାର ପ୍ରସାର କରିବା ପାଇଁ ଅନବରତ ସାହିତ୍ୟ କାର୍ଯ୍ୟକ୍ରମ ଏବଂ ସମ୍ମିଳନୀ କରୁଥିବାରୁ ରାଜ୍ୟ ସ୍ତରୀୟ କୋଶଲି ଭାଷା ସମ୍ମିଳନୀ ଅବସରରେ ତହଁକ୍ କୁ 'ସାଂଗଠନିକ ସମ୍ମାନ୍ - ୨୦୨୬' ପ୍ରଦାନ କରାଯାଇଥିଲା। ଏହି ଅବସରରେ ସମ୍ପାଦକ ରାଜେଶ ଦଣ୍ଡସେନା ଏବଂ ମୂଖ୍ୟ ସମ୍ପାଦକ ଅର୍ଜୁନ କୁମାର ସାହୁ ଯୋଗଦେଇ ସମ୍ମାନ ଗ୍ରହଣ କରିଥିଲେ। ଏହି ସମ୍ମାନ ପାଇବା ପରେ ତହଁକ୍ କୁଟୁମ୍ କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି।




## ଗୋ ମାତାଙ୍କୁ ରାଷ୍ଟ୍ର ମାତା ସମ୍ମାନ ଦାବିରେ ମାନପତ୍ର ପ୍ରଦାନ

ଯୋଡ଼ା:- କେନ୍ଦୁଝର ଜିଲ୍ଲା ଯୋଡ଼ା ନନ୍ଦି ଗୋ ସେବା ସଂଘ ତତ୍ତ୍ୱାବଧାନରେ ଶାଶ୍ୱତ ଗୋ ସେବା ସହଯୋଗରେ ଗୋ ସମ୍ମାନ ଆହ୍ୱାନ ଅଭିଯାନ ଚ଼ଳିତ ମାସ ୨୭ତାରିଖରେ ସହସ୍ରାଧିକ ଗୋ ସେବକ, ଗୋ ଭକ୍ତ ଓ ଗୋ ପ୍ରେମୀଙ୍କୁ ନେଇ ଏକ ବିଶାଳ ରାଲି ର ଆୟୋଜନ ହୋଇଥିବା ଦେଖିବାକୁ ମିଳିଛି। ଏହି ରାଲୀ



କଳାପାହାଡ଼ ଛକରୁ ବାହାରି, ଏନ ଏ ସି ଗେଟ୍, ଶାଇ ମନ୍ଦିର, ଗାନ୍ଧି ଛକ, ଯୋଡ଼ା ବସ୍ ଷ୍ଟାଣ୍ଡ, ହନୁମାନ ମନ୍ଦିର , ଷ୍ଟେଟ ବ୍ୟାଙ୍କ, ରଣାସାଳ ଘାଟି ଦେଇ ଭଦ୍ରାସହି ଛକ ହେଇ ବଡ଼ବିଲ ତହସିଲ୍ କାର୍ଯ୍ୟାଳୟ ରେ ପହଞ୍ଚିଥିଲେ। ଗୋ ସେବକ ମାନେ ଗୋ ମାତାଙ୍କ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାର ସ୍ଲୋଗାନ ମାନ ଦେଇଥିଲେ। ଆଜି ସକାଳ ୭ଘଟିକାରୁ ବାହରି ଦିବା ୧୧ଘଟିକାରେ କାର୍ଯ୍ୟାଳୟରେ ପହଞ୍ଚି ରାଷ୍ଟ୍ର ପତି ଓ ରାଜ୍ୟ ପାଳଙ୍କ ଉଦ୍ଦେଶ୍ୟରେ ମାନପତ୍ର ବଡ଼ବିଲ ଅତିରିକ୍ତ ତହସିଲଦାର୍ ଙ୍କୁ ପ୍ରଦାନ କରାଗଲା।

# ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ

ଚ଼ମ୍ପୁଆ,୨୮।୪(ନି.ପ୍ର.); ଚ଼ମ୍ପୁଆ ବ୍ଲକ ସରେଇ ପଞ୍ଚାୟତ ଅନ୍ତର୍ଗତ ସରେଇ ଗ୍ରାମବାସୀ ବୃନ୍ଦଙ୍କ ଆନୁକୂଲ୍ୟରେ ଶ୍ରୀ ଶ୍ରୀ ହରେ କୃଷ୍ଣ ମହାପ୍ରଭୁଙ୍କ ଅଖଣ୍ଡ ନାମଯଜ୍ଞ ଚ଼ବିଶ ପ୍ରହର ଅନୁଷ୍ଠିତ ହୋଇଯାଇଛି । ଏହି ପବିତ୍ର ଅବସରରେ ଗ୍ରାମବାସୀମାନେ ଏକତ୍ରିତ ହୋଇ ଭଗବାନଙ୍କ ନାମ ସ୍ମରଣ କରିଥିଲେ ଓ ଭଜନ-କୀର୍ତ୍ତନରେ ଲୀନ ହୋଇଥିଲେ । ଗତ ୨୫.୦୪.୨୬ଠାରୁ ଆରମ୍ଭ ଏହି ଅଖଣ୍ଡ ଚ଼ବିଶ ପ୍ରହର ନାମଯଜ୍ଞ ସଂକୀର୍ତ୍ତନର ସମସ୍ତ ପୂଜାବିଧି ସ୍ଥାନୀୟ ଦେହୁରୀ ଯଦୁମଣି ଦାସଙ୍କ ଦ୍ୱାରା ସମ୍ପର୍ଣ୍ଣ ହୋଇଥିଲା କ୍ଷ ଦିନ-ରାତି ନିରନ୍ତର ଭାବେ ହରିନାମ ସଂକୀର୍ତ୍ତନ ଚ଼ାଲିଥିବା ସହ ଶତାଧିକ ଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଚ଼ମ୍ପୁଆ ନିର୍ବାଚ଼ନ ମଣ୍ଡଳୀର ଲୋକପ୍ରିୟ ବିଜେପି ଜନନେତା, ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜ଼ିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ ନିମନ୍ତ୍ରିତ ହୋଇଥିଲେ କୌଣସି ବ୍ୟକ୍ତିଗତ କାର୍ଯ୍ୟ ବ୍ୟସ୍ତତା ଯୋଗୁଁ ତାଙ୍କୁ ଉକ୍ତ ଉତ୍ସବରେ ଯୋଗଦେବା ସମ୍ଭବ ନ ହେବାରୁ ସେ ତାଙ୍କ ପ୍ରତିନିଧି କୃଷ୍ଣଚ଼ନ୍ଦ୍ର ପାତ୍ର,ଧ୍ରୁବ ଚ଼ରଣ ମହାନ୍ତ, ଦିବାକର ମହାନ୍ତ ଓ ଗଣେଶ୍ୱର ପାତ୍ରଙ୍କୁ ପଠାଇ ସାହାଯ୍ୟ ସହଯୋଗ କରିଥିଲେ ।

କମିଟିର ସମସ୍ତ ସଦସ୍ୟଙ୍କ ସହିତ ରବୀନ୍ଦ୍ର ନାଏକ,କବିତା ନାଏକ, ଧ୍ରୁବ ଚ଼ରଣ ନାଏକ, ଜନାର୍ଦ୍ଦନ ନାଏକ, ଇନ୍ଦୁମତି ନାଏକ,କେତକି ନାଏକ ରାଜକୁମାରୀ ନାଏକ, ଭାନୁମତି ନାଏକ, ସୁମତି ନାଏକ ଓ ଅନେକ ଗ୍ରାମବାସୀ ମହିଳା ଓ ପୁରୁଷ ପ୍ରଥମେ ଅତିଥିଙ୍କୁ ଶଙ୍ଖ ହୁଳହୁଳି ସହିତ ବନ୍ଦାପନା କରି ପୂଜା ମଣ୍ଡପ ପାଖକୁ ନେଇ ତାଙ୍କୁ ପୂଜା ମଣ୍ଡପ ପରିକ୍ରମା କରାଇ ଥିଲେ । ଶତାଧିକ ଭକ୍ତଙ୍କ ଜନ ଗହଳି ଏବଂ ନାମ ସଂକୀର୍ତ୍ତନରେ ଚ଼ତୁର୍ପାଶ୍ୱ ଏକ ଆଧ୍ୟାତ୍ମିକତା ସହିତ ଉତ୍ସାହର ବାତାବରଣରେ ପରିପୂର୍ଣ୍ଣ ହୋଇ ରହିଥିଲା । ଯଜ୍ଞ ଅବସରରେ ପୂଜା-ଅର୍ଚ୍ଚନା, ହୋମ-ଯଜ୍ଞ, ଭଜନ ସନ୍ଧ୍ୟା ଓ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଅନେକ ଅତିଥି ଓ ପଣ୍ଡିତମାନେ ଉପସ୍ଥିତ ହୋଇ ଧାର୍ମିକ ଉପଦେଶ ଦେଇଥିଲେ ।



ଗ୍ରାମବାସୀମାନଙ୍କ କହିବା ଅନୁସାରେ, ଏହି ପ୍ରକାର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସମାଜରେ ଶାନ୍ତି, ଏକତା ଓ ସାମ୍ପ୍ରଦାୟିକ ସମ୍ପ୍ରୀତି ବଢ଼ାଇବାରେ ବହୁତ ସହାୟକ । ଏହି ଉତ୍ସବ ଶେଷରେ ବିଶେଷ ମହାପ୍ରସାଦ ବଣ୍ଟନ କରାଯାଇଥିଲା, ଯେଉଁଥିରେ ଅନେକ ଭକ୍ତ ଅଂଶଗ୍ରହଣ କରିଥିଲେ । ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ ଚ଼ମ୍ପୁଆ ନିର୍ବାଚ଼ନ ମଣ୍ଡଳୀ ବ୍ୟତୀତ କେନ୍ଦୁଝର ଜ଼ିଲ୍ଲା ତଥା ଆଖ ପାଖ ପଡସି ସୁନ୍ଦରଗଡ଼, ମୟୁରଭଞ୍ଜ ଜ଼ିଲ୍ଲାର ଆଦିବାସୀ ଗରିବ ଲୋକମାନଙ୍କ ପାଇଁ ବିଭିନ୍ନ ପ୍ରକାର ସମାଜ ହିତୈଷି ଓ ଜନସାଧାରଣଙ୍କ ମଙ୍ଗଳକାରକ କାର୍ଯ୍ୟମାନ କରିଥାନ୍ତି, ଯାହା ଦ୍ୱାରା ଶ୍ରୀ ତ୍ରିପାଠୀଙ୍କୁ ଜଣେ ଜନ ନାୟକ ଭାବି ଶ୍ରଦ୍ଧା କରି ବିଭିନ୍ନ କାର୍ଯ୍ୟକ୍ରମ ମାନଙ୍କରେ ମୁଖ୍ୟଅତିଥି ରୁପେ ନିମନ୍ତ୍ରଣ କରିଥାନ୍ତି ଏବଂ ଶ୍ରୀ ତ୍ରିପାଠୀ ମଧ୍ୟ ସବୁବେଳେ ଲୋକଙ୍କ ବିଭିନ୍ନ ସୁବିଧା ଅସୁବିଧାରେ ସାମିଲ ହୋଇ ଲୋକଙ୍କ ସମସ୍ୟା ଦୂର କରିବା ଦିଗରେ ସର୍ବଦା ତତ୍ପରତା ଦେଖାଇ ଆସିଥାନ୍ତି ।ତାଙ୍କ ବ୍ୟସ୍ତ ବହୁଳ କାର୍ଯ୍ୟ ସୂଚ଼ୀ ମଧ୍ୟରେ ବେଳେ ବେଳେ ପହଞ୍ଚି ନ ପାରିଲେ ତାଙ୍କ ପ୍ରତିନିଧି ମାନଙ୍କ ହାତରେ ସାହାଯ୍ୟ ସହଯୋଗ ପଠାଇ ଦିଅନ୍ତି । ଯାହା ଫଳରେ ଶ୍ରୀ ତ୍ରିପାଠୀଙ୍କ ଲୋକପ୍ରିୟତା ଚ଼ମ୍ପୁଆ ନିର୍ବାଚ଼ନ ମଣ୍ଡଳୀ ସହିତ ଆଖ ପାଖ ଜ଼ିଲ୍ଲାରେ ବଢିବାକୁ ଲାଗିଛି ।

## ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ୧୯୯୭-୯୮ ମ୍ୟାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ

କୁକୁଡାଖଣ୍ଡି ,୨୭/୪: ରବିବାର ଦିନ ହିଞ୍ଜିଳିକାଟୁ ନିକଟସ୍ଥ ମା ଘୋଡ଼େଇଶୁଣି ପୀଠରେ ଏକ ଆଡ଼ମ୍ବର ପୂର୍ଣ୍ଣ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ କୃପାସିନ୍ଧୁପୁର ଶାସନ ର ୧୯୯୭-୯୮ ମ୍ୟାଟ୍ରିକ ବ୍ୟାଚ୍ ର ବନ୍ଧୁ ମିଳନ ଉତ୍ସବ ପାଳନ କରାଯାଇଅଛି। ଉକ୍ତ ବ୍ୟାଚ୍ ର ପ୍ରାୟ ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ରହି ପ୍ରଥମେ ପରସ୍ପର ସ୍ୱାଗତ ଶୁଭେଚ୍ଛା ଜଣାଇଥିଲେ ତାପରେ ଗୁରୁ ପୂଜନ ତଥା ସେମାନଙ୍କୁ ଶିକ୍ଷାଦାନ କରିଥିବା ଶିକ୍ଷକ ଶ୍ରୀ ପୂର୍ଣ୍ଣଚ଼ନ୍ଦ୍ର ପତି ସାର, ଶ୍ରୀ ପୂର୍ଣ୍ଣଚ଼ନ୍ଦ୍ର ଦାସ ସାର ଓ ଶ୍ରୀ ବାବାଜୀ ଚ଼ରଣ ତ୍ରିପାଠୀ ସାର ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୀର୍ଘ ୩୦ ବର୍ଷ ତଳର ଗୁରୁ ମାନଙ୍କୁ ପାଖରେ ପାଇ ସମସ୍ତେ ଭାବ ବିହ୍ୱଳ ହୋଇଗଲେ। ତାପରେ କିଛି



ପୁରୁଣା ସ୍ମୃତି ତଥା ଛାତ୍ର ଜୀବନର ଘଟଣାବଳୀର ଆଲୋଚ଼ନା କରି କିଛି ଖଟା କିଛି ମିଠା ଅନୁଭୂତି ବାଣ୍ଟିଥିଲେ। ତାପରେ ନାଚ଼ ଗୀତ ଓ ଭାବର ଆଦାନ ପ୍ରଦାନ କରି ଆନନ୍ଦ ଓ ଉଲ୍ଲାସରେ ବୁଡି ଯାଇଥିଲା ପୁରା ପରିବେଶ। ଶେଷରେ ପରଲୋକ ରେ ଥିବା ଅନ୍ୟ ଶିକ୍ଷକ ଓ କର୍ମଚ଼ାରୀ ଏବଂ ଉକ୍ତ ବ୍ୟାଚ୍ ର ବନ୍ଧୁ ମାନଙ୍କ ଉଦ୍ଦେଶ୍ୟରେ ଦୁଇନିରବ ପ୍ରାର୍ଥନା କରାଯାଇଥିଲା। ପ୍ରସାଦ ସେବନ କରି ସମସ୍ତେ ଫେରିଥିଲେ। ଏହି ବନ୍ଧୁମିଳନ ଉତ୍ସବକୁ ସଫଳ କରିବାରେ ସିଏଚ୍ ମହେନ୍ଦ୍ର, ଡି ଜିତେନ୍ଦ୍ର, ସୁଶାନ୍ତ , ସୁନିତା, ସୁମିତ୍ରା, ମହାଲକ୍ଷ୍ମୀ, ସସ୍ମିତା, ଈଶ୍ୱର, ବିଭୁତି, ସୁଶାନ୍ତ, ମୋହନ ପ୍ରମୁଖ ଛାତ୍ରଛାତ୍ରୀମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏପରି ବନ୍ଧୁମିଳନ ଆଗାମୀ ଦିନରେ ମଧ ବଜାୟ ରଖିବାକୁ ସଂକଳ୍ପ କରିଥିଲେ ।

# କେନ୍ଦ୍ରାପଡା ଅବକାରୀ ବିଭାଗର ଚଢାଉ
# ୧୪୮ଲିଟର ଚୋରା ମଦ ଜବତ,୬ଗିରଫ

କେନ୍ଦ୍ରାପଡ଼ା,୨୭।୪:କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ରୋମିତ ଗ୍ରାମର ସଂଗ୍ରାମ ପ୍ରଧାନ(୨୩)ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ, ନରହରିପୁର ଗ୍ରାମର ରଜନୀକାନ୍ତ ଦାସ (ବୟସ-୪୮)ଙ୍କ ଠାରୁ ୩୪ ଲିଟର ଚୋରା ବିଦେଶୀ ମଦ, ପାଟକୁରା ଗ୍ରାମର ରଞ୍ଜନ କୁମାର ପରିଡା (୫୪)ଙ୍କ ଠାରୁ ୨୧ ଲିଟର ଚୋରା ବଦେଶୀ ମଦ, ରାଜନଗର ଗ୍ରାମର ମଙ୍ଗୁଳି ଚରଣ ସ୍ୱାଇଁ (୩୭)ଙ୍କ ଠାରୁ ୨୨ ଲିଟର ଚୋରା ବିଦେଶୀ ମଦ, କୁରନ୍ତି ଗ୍ରାମର ପ୍ରଦୀପ କୁମାର ନରେନ୍ଦ୍ର(୫୬)ଙ୍କ ଠାରୁ ୨୯ ଲିଟର ଚୋରା ବିଦେଶୀ ମଦ ଏବଂ କେଉଟ ଖଣ୍ଡିଆ ଗ୍ରାମର ସନ୍ତୋଷ କୁମାର ସେଠୀଙ୍କ ଠାରୁ ୧୦ ଲିଟର ଚୋରା ଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୧୪୮ ଲିଟର ବିଦେଶୀ ଓ ଦେଶୀ ଚୋରା ମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପ ନିରୀକ୍ଷକ ଛାୟାକାନ୍ତ ନାୟକ, ରତ୍ନପ୍ରଭା ସ୍ୱାଇଁ, ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।



## ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ : ଜିଲ୍ଲା କାର୍ଯ୍ୟାଳୟ ଠାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୨୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା ।ସେଥିମଧ୍ୟରୁ ୧୯ଟି ବ୍ୟକ୍ତିଗତ ଓ ୩ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ,ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

# ଜିଲ୍ଲା ସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ଅନୁଗୋଳ : ଆଜି ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ତାଳଚେର ପଞ୍ଚାୟତ ସମିତି ସଭାଗୃହ ଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜନଶୁଣାଣି ଶିବିରରେ ସମୁଦାୟ ୬୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୫୩ଟି ବ୍ୟକ୍ତିଗତ ଓ ୧୬ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୪ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ୧ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଚ଼ିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ,ଅତିରିକ୍ତ ଆରକ୍ଷୀ ଅଧ୍ୟକ୍ଷକ ବିରଞ୍ଚି ବାଗ, ଜିଲ୍ଲା ମୁଖ୍ୟ ଚ଼ିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ମଦନ ମୋହନ ପ୍ରଧାନ , ତାଳଚେର ଉପ ଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ, ତାଳଚେର ଆଂଚ଼ଳିକ ପରିବହନ ଅଧିକାରୀ ଅଂଶୁମାନ ଦାଶ, ଆସିଷ୍ଟାଣ୍ଟ କଲେକ୍ଟର ସଞ୍ଜୟ କୁମାର ଭୋଇ, ତାଳଚେର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବରାଳ, ତାଳଚେର ତହସିଲଦାର ଆଲଫା ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଦିଲ୍ଲିପ କୁମାର ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଶ୍ରୀନିବାସ ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ବିନୋଦ କୁମାର ଦଲାଇ, ଉପ- ନିର୍ଦ୍ଦେଶକ ଉଦ୍ୟାନ ଅମର ଲୁଗୁନ୍, ଜିଲ୍ଲା ମୁଖ୍ୟପ୍ରାଣୀ ଚ଼ିକିତ୍ସା ଅଧିକାରୀ ଡ. ସତ୍ୟ ନାରାୟଣ ସାହୁଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ନେତାଙ୍କୁ ହତ୍ୟା ଉଦ୍ୟମ

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କୁ ଅସଫଳ ହତ୍ୟା ଉଦ୍ୟମ ପ୍ରଥମ ଥର ନୁହେଁ, ଏହା ତାଙ୍କୁ ତୃତୀୟ ଥର ହତ୍ୟା ତେବେ ଏଥର ହତ୍ୟା ଉଦ୍ୟମ ହୋଇଛି। ଏପରି ଏକ ସମୟରେ ଯେଉଁ ସମୟରେ କେବଳ ଆମେରିକା ନୁହେଁ, ସମଗ୍ର ବିଶ୍ୱ ଉଭୟ ଶକ୍ତି (ଇନ୍ଧନ) ଏବଂ ଆର୍ଥୀକ ଅସ୍ଥିରତା ମୁହାଁ ହୋଇଛି। କହିବା ବାହୁଲ୍ୟ ଯେ ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଭାବେ ଆକ୍ରମଣ ପରେ ଏହାର ପ୍ରଭାବ ଏବେ ସମଗ୍ର ବିଶ୍ୱରେ ଅନୁଭୂତ ହୋଇଛି। ଆମେରିକା ସମେତ ସାରା ବିଶ୍ୱରେ ଶକ୍ତି ସଂକଟ ନେଇ ଆତଙ୍କିତ ଅବସ୍ଥା ସୃଷ୍ଟି ହୋଇଥିବାବେଳେ ବିଶ୍ୱ ଅର୍ଥନୀତି ଅସ୍ଥିରତା ଆଡକୁ ଗତି କରୁଛି । ଯୁଦ୍ଧ ଯଦି ଆଉ କିଛି ଦିନ ଚାଲୁ ରହେ, ତେବେ ସମଗ୍ର ବିଶ୍ୱରେ ଉକ୍ତ ଶକ୍ତି ସଂକଟ ଯୋଗୁଁ ତାଲାବନ୍ଦ ସ୍ଥିତିକୁ ଆସିଯିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। କେବଳ ଏତିକି ନୁହେଁ, ଯୁଦ୍ଧ ଯୋଗୁଁ ଆମେରିକା ଗୁରୁତର ଆର୍ଥୀକ କ୍ଷତିର ସମ୍ମୁଖୀନ ହୋଇଥିବାବେଳେ ଦରଦାମ ବୃଦ୍ଧି ଯୋଗୁଁ ତାଙ୍କ ବିରୁଦ୍ଧରେ ଏବେ ଅସନ୍ତୋଷ ତୀବ୍ର ଆକାର ଧାରଣ କରିଛି। ଏହି ହତ୍ୟା ଉଦ୍ୟମର କାରଣ ସ୍ପଷ୍ଟ ହୋଇନଥିଲେ ମଧ୍ୟ ତାଙ୍କର ତୃଟିପୂର୍ଣ୍ଣ ନୀତି ଓ ଜନଅସନ୍ତୋଷର କାରଣ ବୋଲି କହିଲେ ହୁଏତ ଭୁଲ ହୋଇନପାରେ। କହିବା ବାହୁଲ୍ୟ ଯେ, ଦୁଇବର୍ଷ ତଳେ ଯେତେବେଳେ ଦ୍ୱିତୀୟ ଥର ଲାଗି ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହେଲେ, ସେତେବେଳେ ସର୍ବାଧିକ ଲୋକପ୍ରିୟ ଭୋଟ ପାଇବାର ଗୌରବ ଅର୍ଜନ କରିଥିଲେ। କିନ୍ତୁ ବିଭିନ୍ନ କ୍ଷେତ୍ରରେ ତାଙ୍କର ତୃଟିପୂର୍ଣ୍ଣ ନୀତି ଏବେ ତାଙ୍କ ଅତ୍ୟନ୍ତ ଅପ୍ରିୟ କରିଦେଇଥିବା ଏକ ଜନମତ ସର୍ଭେ ରିପୋର୍ଟରେ କୁହାଯାଇଛି। ତାଙ୍କ ବିରୁଦ୍ଧରେ ୫୮ ପ୍ରତିଶତ ମତ ପ୍ରକାଶ ପାଇଥିବାବେଳେ ମାତ୍ର ୩୯ ପ୍ରତିଶତ ତାଙ୍କ ନୀତିକୁ ସମର୍ଥନ କରିଥିବା ସର୍ଭେ ରିପୋର୍ଟରୁ ଜଣାଯାଏ। ଏଥିରୁ ସେ ଏବେ ଆମେରିକାରେ କେତେ ଅପ୍ରିୟ ତାହା ସ୍ପଷ୍ଟ ବୁଝାପଡେ। ତାଙ୍କର ଭିସାନୀତି, ବିଦେଶୀ ରାଷ୍ଟ୍ରଙ୍କ ଉପରେ ବାଣିଜ୍ୟ ଶୁଳ୍କ ଲାଗୁ ନୀତି, ଇରାନ ଉପରେ ଆକ୍ରମଣ, ଅହଂକାର ପୂର୍ଣ୍ଣ ବିଭ୍ରାନ୍ତିକର ବୟାନବାଜୀ ତାଙ୍କୁ ଲୋକପ୍ରିୟତା ହରାଇବାର ମୂଳ କାରଣ ବୋଲି କୁହାଯାଇପାରେ। ଯେଉଁଥିପାଇଁ ବି ତାଙ୍କ ବିରୁଦ୍ଧରେ ଦ୍ୱିତୀୟ ପାଳି ଶାସନର ମାତ୍ର ଦୁଇବର୍ଷ ମଧ୍ୟରେ ତିନି ତିନ ଥର ରାଷ୍ଟ୍ରବ୍ୟାପୀ ଅଦ୍‌ଭୂତପୂର୍ବ ବିକ୍ଷୋଭ, ଶୋଭଯାତ୍ରା ହୋଇସାରିଲାଣି। ଏଥିରୁ ସେ କିଛି ଶିକ୍ଷା କରିପାରିନଥିବା ମନେ ହୁଏ। ତେବେ ଇରାନ ଉପରେ ଅଚାନକ ଆକ୍ରମଣର କାରଣ କ'ଣ ତାହା ଅସ୍ପଷ୍ଟ ରହିଛି। ଯାହାକି ତାଙ୍କର ଲୋକପ୍ରିୟତାକୁ ଅପ୍ରିୟତାରେ ପରିଣତ କରିଦେଇଛି। ଏହା ନିଶ୍ଚିତ ଯେ, ଦୀର୍ଘ ଦଶନ୍ଧି ଦଶନ୍ଧି ଧରି ଇରାନ ସହ ଆମେରିକାର ସମ୍ପର୍କ ଭଲ ନାହିଁ। ଏହା ସତ୍ୱେ ଜର୍ଜ ବୁଶଙ୍କ ଠାରୁ ଆରମ୍ଭ କରି ବାଇଡେନଙ୍କ ପର୍ଯ୍ୟନ୍ତ କୌଣସି ଆମେରିକୀୟ ରାଷ୍ଟ୍ରପତି ଇରାନ ଉପରେ ଆକ୍ରମଣ କରିବାକୁ କେବେ ବି ଚିନ୍ତା କରିନଥିଲେ। କିନ୍ତୁ ଭେନେଜୁଏଲାର ତୈଳ ଭଣ୍ଡାର ଅକ୍ତିଆର କରିବା ପରେ ଇରାନର ତୈଳ ଭଣ୍ଡାର ଅକ୍ତିଆର କରିବା ପାଇଁ ତାଙ୍କର ଥିଲା। ଏଥିପାଇଁ ଇସ୍ରାଏଲ ତାଙ୍କୁ ଉତ୍ସାହିତ କରିଥିଲା। ଉଲ୍ଲେଖଯୋଗ୍ୟ ଯେ, ଭେନେଜୁଏଲାଙ୍କୁ ରାତି ଅଧିଆ ଦଖଲ କରିବା ଭଳି ଇରାନକୁ ମାତ୍ର ଦୁଇ ତିନି ଦିନରେ ଅକ୍ତିଆର କରିନେବା ଭାବିଥିଲେ। ଯୁଦ୍ଧ ଯେ, ଦୀର୍ଘକାଳୀନ ହେବ, ଏହା ସେ କେବେ ବି ଚିନ୍ତା କରିନଥିଲେ। ଇରାନ ଉପରେ ଆକ୍ରମଣ ତାଙ୍କ ପାଇଁ କେବଳ ମହଙ୍ଗା ହୋଇନାହିଁ, ବୁମେରାଂ ହୋଇଛି। ଆମେରିକାରେ ତାଙ୍କ ବିରୁଦ୍ଧରେ ଅସନ୍ତୋଷର ବହ୍ନି ତୀବ୍ର ହେଉଥିବାବେଳେ ନାଟୋରେ ଏକ ଘରିକିଆ ହୋଇଯାଇଛନ୍ତି। ଇରାନ ଯୁଦ୍ଧରେ ନାଟୋ ସଦସ୍ୟଙ୍କ ଅସହଯୋଗ ଏହାର ଜ୍ୱଳନ୍ତ ଉଦାହରଣ। ସେହିପରି ଜାତିସଂଘ ନିରାପତା ପରିଷଦରେ ଇରାନ ବିରୋଧି ପ୍ରସ୍ତାବ ଗୃହୀତ ହୋଇନପାରିବା ଆମେରିକାର ବଡ ଭାଇପଣିଆ ତଥା ବୃହତ ମହାଶକ୍ତି ରାଷ୍ଟ୍ରର ମର୍ଯ୍ୟଦା ପ୍ରତି ଆଂଚ ଆଣିଛି। ଏଥିରେ ସନ୍ଦେହ ନାହିଁ। ଯାହାକି ତାଙ୍କୁ ତୃତୀୟ ଥର ହତ୍ୟା ଉଦ୍ୟମର କାରଣ ବୋଲି ଅନୁମାନ କରାଯାଇପାରେ। ଅବଶ୍ୟ ରାଷ୍ଟ୍ରପତିଙ୍କୁ ହତ୍ୟା କିମ୍ବା ଉଦ୍ୟମ ନୂଆ ନୁହେଁ। ଅତୀତରେ ୪ଜଣ ଆମେରିକୀୟ ରାଷ୍ଟ୍ରପତି ଆତତାୟୀ ଗୁଳିରେ ହତ୍ୟାର ଶିକାର ହୋଇଥିଲେ ରିପବ୍ଲିକାନ ରାଷ୍ଟ୍ରପତି ଆବ୍ରାହାମ ଲିଙ୍କନ (୧୮୬୫), ଡେମୋକ୍ରାଟ ରାଷ୍ଟ୍ରପତି ଜନ ଏଫ କେନେଡି (୧୯୬୩)ଙ୍କ ସହ ୪ଜଣ ରାଷ୍ଟ୍ରପତି କ୍ଷମତାରେ ଥିବାବେଳେ ହତ୍ୟାର ଶିକାର ହୋଇଥିଲେ। ସେହିପରି ୨୦୦୭ରେ ପ୍ରକାଶିତ ଏକ ଗବେଷଣାମୂଳକ ସେବା ରିପୋର୍ଟରେ ଆମେରିକାର ୪୨ଜଣ ରାଷ୍ଟ୍ରପତିଙ୍କ ମଧ୍ୟରୁ ୧୦ଜଣଙ୍କ ଉପରେ ହତ୍ୟା ଉଦ୍ୟମ ହୋଇଥିବା କୁହାଯାଇଛି। ଭରପୁର ଉତ୍ସବରେ କଡା ସୁରକ୍ଷା ବଳୟ ଭେଦ କରି ଜଣେ ଉଚ୍ଚଶିକ୍ଷିତ ଯୁବକ ତାଙ୍କୁ ହତ୍ୟା କରିବା ଉଦ୍ୟମରୁ ଟ୍ରମ୍ପ କିଛି ଶିକ୍ଷା କରିବା ଉଚିତ। ଜନ ଅସନ୍ତୋଷକୁ ପ୍ରଶମିତ କରିବା ଲାଗି ଇରାନ ସହ ଯୁଦ୍ଧ ବନ୍ଦ ଘୋଷଣା କରିବା ଉଚିତ। ଯାହାକି କେବଳ ତାଙ୍କ ପାଇଁ ନୁହେଁ, ସାରା ବିଶ୍ୱ ପାଇଁ ମଙ୍ଗଳକର ହେବ।

# ଜନତା, ଜନଜାଗରଣ ଓ ଗଣମାଧ୍ୟମ

## ଗୋଲଖ ଚନ୍ଦ୍ର ଦାସ

ବର୍ତ୍ତମାନ ଭାରତ ସରକାରଙ୍କ ତରଫରୁ ଜନଗଣନା ସାରା ଦେଶରେ ଚାଲିଛି । ଓଡିଶାରେ ମଧ୍ୟ ଚାଲିଛି । ଜନଗଣନା କର୍ମୀମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରୁଛନ୍ତି । ତଥାପି ଜନତା ସଚେତନ ନାହାଁନ୍ତି ନିଜର ଜନ ଗଣନା କରିବାକୁ । କେଉଁଠି ଜନଗଣନା କର୍ମୀଙ୍କୁ ମାଡ ମାରୁଛନ୍ତି ଓ କେଉଁଠି ଖରାପ ବ୍ୟବହାର କରୁଛନ୍ତି । କେଉଁଠି ତଥ୍ୟ ଦେବାକୁ ମନା କରୁଛନ୍ତି । କିଏ କହୁଛନ୍ତି ଆମ ଘର ଚଟାଣ ମାର୍ବଲରେ ହୋଇଛି ବୋଲି କାହିଁକି ଲେଖିବ, କିଏ କହୁଛନ୍ତି ଆମ ଘର ପଥରରେ ହୋଇଛି ବୋଲି କାହିଁକି ଲେଖିବ, ଆମ ବିଲିଡିଂରେ କେତୋଟି ଘର ଅଛି କାହିଁକି ଲେଖିବ, ଆମ ବିଲିଡିଂରେ କେତେ ଜଣ ଭଡାରେ ରହୁଛନ୍ତି କାହିଁକି ଲେଖିବ,ଲାପଟପ, କମ୍ପ୍ୟୁଟର, ଦୁଇ ଚକିଆ ଯାନ, ଚାରି ଚକିଆ ଯାନ, ଆମ ଘରକୁ ପାଣି କେଉଁଠୁ ଆସୁଛି, ଆମ ଘରେ ଗାଧୁଆ ଘର, ପାଇଖାନା, ରୋଷାଇ ଘର , ଗ୍ୟାସ କନେସନ ଅଛି କି ନାହିଁ କାହିଁକି ଲେଖିବେ । ଆମେ ରୋଷାଇ କିପରି କରୁଛୁ ? କାଠ ଜାଳି କରୁଛୁ କି ଇଲେକ୍ଟ୍ରି ଚୁଲାରେ କରୁଛୁ ..ଇତ୍ୟାଦି ଇତ୍ୟାଦି ୩୨ଟି ପ୍ରଶ୍ନର ଉତ୍ତର ଆମେ କାହିଁକି ଦେବୁ । ଏସବୁ କ'ଣ ପାଇଁ ଆମେ ଜଣାଇବୁ ?

ଏଥିରୁ ଜଣାପଡୁଛି ଜନଗଣନା ପାଇଁ ଜନତା ସଚେତନ ନାହାଁନ୍ତି । ଏଥିପାଇଁ ଜନଜାଗରଣ ଦରକାର । ଜନସଚେତନତା ପାଇଁ ମୁଖ୍ୟ ଭୂମିକା ହେଉଛି ଗଣମାଧ୍ୟମର । ଗଣମାଧ୍ୟମରେ ଜନଗଣନା ବିଷୟରେ ଯେତେ ଚର୍ଚ୍ଚା ଆଲୋଚନା ହେବ ଜନତା ସେତେ ସଚେତନ ହେବେ ।

ସମୟ ସହିତ ଜଗତୀକରଣର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି। ବିଂଶ ଶତାବ୍ଦୀର ଶେଷ ଦଶନ୍ଧି ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଦେଶକୁ ଦ୍ରୁତ ପ୍ରଗତି ପଥରେ ଆଗକୁ ବଢ଼ିବାକୁ ହୁଏ, ତେବେ ତାକୁ ବିଶ୍ୱର ଅନ୍ୟ ଦେଶ ସହିତ ସଂଯୋଗ ସ୍ଥାପନ କରିବା ଆବଶ୍ୟକ। ଏବଂ ଏହି ସଂଯୋଗ ସେତେବେଳେ ସମ୍ଭବ ଯେତେବେଳେ ସମସ୍ତ ପ୍ରକାରର ପ୍ରସଙ୍ଗିକ ଏବଂ ଉପଯୋଗୀ ସୂଚନା ଏବଂ ତଥ୍ୟ ସମସ୍ତ ଲୋକଙ୍କ ପାଖରେ ନିରବଚ୍ଛିନ୍ନ ଭାବରେ ପହଞ୍ଚିବ। ସୂଚନା ବିନା ସମାଜ ନୂତନ ଯୁଗର ଚାହିଦା ପୂରଣ କରିବାରେ ସମ୍ପୂର୍ଣ୍ଣ ଅସହାୟ ହୋଇଯାଏ। ବିକାଶର ପ୍ରତିଯୋଗିତାରେ ସେ ପଛରେ ପଡ଼ିଯିବା ଆରମ୍ଭ କରେ। ସୌଭାଗ୍ୟବଶତଃ ଭାରତରେ ଏହା ଘଟି ନାହିଁ। ଏଠାରେ ଦଶନ୍ଧି ପୂର୍ବରୁ ସୂଚନା ଏବଂ ଜ୍ଞାନର ଏକ ବ୍ୟବସ୍ଥା ବିକଶିତ ହୋଇସାରିଛି, ଯାହା ଦେଶର ଅବସ୍ଥା ଏବଂ ଦିଗ ନିର୍ଣ୍ଣୟ କରିବାରେ ଏକ ବଡ଼ ଅବଦାନ ରଖିଛି। ଏହି ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଗଣମାଧ୍ୟମ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଶକ୍ତିଶାଳୀ ଭୂମିକା ଗ୍ରହଣ କରିଛି ଏବଂ ଆମ ସରକାର ଗଣମାଧ୍ୟମକୁ ଏହି ଭୂମିକା ଗ୍ରହଣ କରିବା ପାଇଁ ପ୍ରଚୁର ସ୍ୱାଧୀନତା ଏବଂ ଅଧିକାର ପ୍ରଦାନ କରିଛି।

ଗଣମାଧ୍ୟମ କିମ୍ବା ସାମାଜିକ ଗଣମାଧ୍ୟମ ସାଧାରଣ ଲୋକଙ୍କ ପ୍ରତିନିଧି ଭାବରେ କାର୍ଯ୍ୟ କରେ। ସରକାର ଏବଂ ଲୋକଙ୍କ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରି, ଗଣମାଧ୍ୟମ ଉଭୟ ପକ୍ଷର ମତାମତ ପରସ୍ପର ନିକଟରେ ପହଁଚାଏ ଏବଂ ସେମାନଙ୍କ ମଧ୍ୟରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ବିକଶିତ କରେ। ସ୍ୱାଧୀନ ଭାରତର ଆର୍ଥିକ, ସାମାଜିକ ଏବଂ ଗଣତାନ୍ତ୍ରିକ ଉନ୍ନତିରେ ଗଣମାଧ୍ୟମର ଅବଦାନ ରହିଛି। ଭାରତରେ ଗଣମାଧ୍ୟମ ସର୍ବଦା ଏକ ସୁସ୍ଥ ସମାଜ ଏବଂ ଏକ ଦୃଢ଼ ଗଣତନ୍ତ୍ରର ମୂଳଦୁଆ ହୋଇଆସିଛି। ଏହାକୁ ବିନା କାରଣରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଏ ନାହିଁ। ଗଣତାନ୍ତ୍ରିକ ବ୍ୟବସ୍ଥାର ଅନ୍ୟ ତିନୋଟି ଅଙ୍ଗ ନ୍ୟାୟପାଳିକା, ବିଧାୟିକା ଏବଂ କାର୍ଯ୍ୟପାଳିକାଠାରୁ ଗଣମାଧ୍ୟମ ସମ୍ପୂର୍ଣ୍ଣ ଭିନ୍ନ, ଏହା ହେଉଛି ବ୍ୟବସ୍ଥାର ଏକମାତ୍ର ଅଂଶ ଯାହା ସମାଜର ଶେଷ ସୋପାନରେ ଠିଆ ହୋଇଥିବା ବ୍ୟକ୍ତି ନିକଟରେ ପହଞ୍ଚିବା ପାଇଁ ପଦକ୍ଷେପ ନିଏ। ବ୍ୟକ୍ତି ଯେତେବେଳେ ଚାହିଁବ ଏହା ସହିତ ଯୋଗାଯୋଗ କରିପାରିବ, କାରଣ ସେ ନିଶ୍ଚିତ ଯେ ଏଠାରେ ତାଙ୍କର କଥା ଶୁଣାଯିବ, ତାକୁ ସଠିକ୍ ସ୍ଥାନକୁ ନେଇ ସମାଧାନ ପାଇବାରେ ପୂର୍ଣ୍ଣ ସହାୟତା ମିଳିପାରିବ ।

ଗଣମାଧ୍ୟମ ତାର ଏହି ଆତ୍ମବିଶ୍ୱାସକୁ କେବେ କ୍ଷୀଣ ହେବାକୁ ଦେଇନାହିଁ। ଗତ କିଛି ଦଶନ୍ଧି ମଧ୍ୟରେ ଆମେ ସମୟ ସମୟରେ ଦେଖିଛୁ ଯେ ଦେଶର ଗଣମାଧ୍ୟମ ସାଧାରଣ ଲୋକଙ୍କ ଶକ୍ତି ପାଲଟିଛି। ତାଙ୍କୁ ଶୋଷଣ ଏବଂ ଅନ୍ୟାୟଚକ୍ରରୁ ମୁକ୍ତି ଦେଉଥିବାର ଦେଖିଛୁ । ଯେତେବେଳେ କୌଣସି ସରକାର ସାଧାରଣ ଲୋକଙ୍କୁ ଅଣଦେଖା କରି ମନମୁଖୀ କାର୍ଯ୍ୟ କରିଛନ୍ତି, ସେତେବେଳେ ଗଣମାଧ୍ୟମ ଏହାର ଜନବିରୋଧୀ ନୀତିରୁ ମୁକ୍ତି ପାଇବାରେ ଲୋକଙ୍କୁ ସାହାଯ୍ୟ କରିଛି। ଏପରି ଅନେକ ଘଟଣା ଘଟିଛି ଯେତେବେଳେ ଗଣମାଧ୍ୟମ କେତେବେଳେ ଜନସାଧାରଣଙ୍କ ସ୍ୱର ପାଲଟିଛି, କେତେବେଳେ ଆଖି ପାଲଟିଛି, ଆଉ କେତେବେଳେ ମସ୍ତିଷ୍କ ପାଲଟିଛି ଏବଂ ସମସ୍ତଙ୍କୁ ସଠିକ୍ ପଥ ଦେଖାଇଛି। ସ୍ୱାଧୀନତାଠାରୁ ଜରୁରୀକାଳୀନ ପରିସ୍ଥିତି ପର୍ଯ୍ୟନ୍ତ, ଆନ୍ଦୋଳନଠାରୁ ଯୁଦ୍ଧ ସମୟ ପର୍ଯ୍ୟନ୍ତ, ଆଧୁନିକ ଯୁଗରେ ମଧ୍ୟ ଆମେ ଗଣମାଧ୍ୟମର ଏହି ଅବିଶ୍ୱସନୀୟ ଶକ୍ତିକୁ ବାରମ୍ବାର ଦେଖିଛୁ। ଭାରତୀୟ ଗଣମାଧ୍ୟମ ସବୁବେଳେ ସମାଜ ଏବଂ ଦେଶର ପ୍ରତ୍ୟେକ ଛୋଟ ୟୁନିଟରେ ଉନ୍ନତି ଏବଂ ସଶକ୍ତିକରଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି। ଯଦି ଆଜି ଭାରତ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଗଣତନ୍ତ୍ର, ତେବେ ଏଥିରେ ଗଣମାଧ୍ୟମର ମଧ୍ୟ ଏକ ବଡ଼ ଭୂମିକା ରହିଛି।

ପୂର୍ବରୁ ଆମେ ଆମର ଭୁଲରୁ ଶିଖୁଥିଲୁ, ଏବେ ଆମେ ଅନ୍ୟମାନଙ୍କ ଅଭିଜ୍ଞତାରୁ ଶିଖି ଆଗକୁ ବଢୁଛୁ। ଯଦି ବିହାରର ଜଣେ ଚାଷୀ ଏକ ସ୍ୱତନ୍ତ୍ର କୌଶଳ ବ୍ୟବହାର କରି ତାଙ୍କର ଫସଲ ଅମଳକୁ ଚାରିଗୁଣ କରନ୍ତି, ତେବେ ଗଣମାଧ୍ୟମ ଦେଶର ପ୍ରତ୍ୟେକ କୋଣରେ ଥିବା ଚାଷୀମାନଙ୍କ ପାଖରେ ଏହି ଖବର ପହଁଚାଏ। ଯଦ୍ୱାରା ଚାଷୀମାନେ ଏଥିରୁ ପ୍ରେରଣା ପାଇପାରିବେ ଏବଂ ନିଜ ସ୍ତରରେ ସମାନ ପରୀକ୍ଷଣ କରିପାରିବେ। ଧୀରେ ଧୀରେ ଜଣେ ବ୍ୟକ୍ତିଙ୍କ ସଫଳତା ସମଗ୍ର ଜାତିର ସଫଳତାରେ ପରିଣତ ହୁଏ। ଏକବିଂଶ ଶତାବ୍ଦୀର ଆରମ୍ଭରୁ ବିଶ୍ୱ, ସମାଜ ଏବଂ ଆମର ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆସିଛି। ଗଣମାଧ୍ୟମ ମଧ୍ୟ ଏହି ପରିବର୍ତ୍ତନର ପ୍ରଭାବରୁ ଅସ୍ପୃଶ୍ୟ ରହିନାହିଁ। ଗଣମାଧ୍ୟମର ଭୂମିକା ମଧ୍ୟ ପରିବର୍ତ୍ତନ ହେଉଛି। ଏହି ନୂତନ ଭୂମିକା ତାଙ୍କୁ ତାଙ୍କର ମୂଳ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟରୁ ବିଚଳିତ କରୁଛି। ତେଣୁ ଲୋକମାନେ ଏବେ ଗଣମାଧ୍ୟମ ଉପରୁ ବିଶ୍ୱାସ ହରାଉଛନ୍ତି।

ଆଜିର ଯୁଗ ସୂଚନା ବିପ୍ଳବର ଯୁଗ ହୋଇଥିବାରୁ ଏହା ଗଣମାଧ୍ୟମର ଶକ୍ତି ଏବଂ ଗତି ଉଭୟକୁ ବୃଦ୍ଧି କରିଛି। ଏବେ ଆମେ ପୂର୍ବ ଅପେକ୍ଷା ବହୁତ ଶୀଘ୍ର ସୂଚନା ପାଇପାରୁଛୁ, ଏବଂ ସେହି ସୂଚନାକୁ ଆହୁରି ଦ୍ରୁତ ଗତିରେ ଜନସାଧାରଣଙ୍କ ନିକଟରେ ପହଁଚାଇପାରୁଛୁ। ପ୍ରଯୁକ୍ତିବିଦ୍ୟା ବିକାଶର ପରିବର୍ତ୍ତନ ଯୋଗୁଁ ଆମକୁ ମିଳିଥିବା ଏହି ନୂତନ ଶକ୍ତିକୁ ଆମେ ଚିହ୍ନି ପାରିଛୁ, କିନ୍ତୁ ଆମେ ଏପର୍ଯ୍ୟନ୍ତ ଏହାକୁ ସଠିକ୍ ଭାବରେ ବ୍ୟବହାର କରିପାରୁନାହୁଁ। ପାରମ୍ପରିକ ଧାରଣା ଅନୁଯାୟୀ ଗଣମାଧ୍ୟମର ତିନୋଟି ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସୂଚନା, ଶିକ୍ଷା ଏବଂ ମନୋରଞ୍ଜନ। କିନ୍ତୁ ବର୍ତ୍ତମାନ ସମୟରେ ଅନ୍ୟମାନଙ୍କଠାରୁ ଆଗରେ ରହିବାର ଦୌଡ଼ରେ ଆମେ ଖବରକୁ ମନୋରଞ୍ଜନର ଏକମାତ୍ର ମାଧ୍ୟମ କରିଚାଲିଛୁ। ଏହା ଯୋଗୁଁ ସବୁଠାରୁ ବଡ଼ କ୍ଷତି ସାଧାରଣ ଲୋକଙ୍କର ହୋଇଛି, ଯାହାଙ୍କ ଉନ୍ନତି ଏବଂ କଲ୍ୟାଣ ଆମର ପ୍ରାଥମିକ ଦାୟିତ୍ୱ। ଆମେ ତାଙ୍କୁ ଏପରି ସୂଚନାର ସମୁଦ୍ରରେ ଛାଡ଼ି ଦେଇଛୁ ଯେଉଁଠାରେ ସେ ଠିକ୍ ଏବଂ ଭୁଲ ଏବଂ ଭଲ ଏବଂ ମନ୍ଦ ମଧ୍ୟରେ ପାର୍ଥକ୍ୟ କରିବାର କ୍ଷମତା ହରାଇ ବସିଛନ୍ତି। ସେ ବୁଝିପାରୁନାହାଁନ୍ତି ଯେ କେଉଁ ସୂଚନା ତାଙ୍କ ସ୍ୱାର୍ଥରେ ଏବଂ କେଉଁଟି ତାଙ୍କ ବିରୁଦ୍ଧରେ ଯାଇପାରେ।

ସ୍ୱାଧୀନ ଭାରତର ଗଣମାଧ୍ୟମ ଅର୍ଥନୈତିକ, ସାମାଜିକ ଏବଂ ଗଣତାନ୍ତ୍ରିକ ଉନ୍ନତିରେ ବହୁତ ଅବଦାନ ରଖିଛି। ଭାରତରେ ଗଣମାଧ୍ୟମ ସର୍ବଦା ଏକ ସୁସ୍ଥ ସମାଜ ଏବଂ ଏକ ଦୃଢ଼ ଗଣତନ୍ତ୍ରର ମୂଳଦୁଆ ହୋଇଆସିଛି। ଗଣମାଧ୍ୟମକୁ ସୁଦୃଢ଼ କରିବା ପାଇଁ ଆମକୁ ଆମର ମୂଳକୁ ଫେରିବାକୁ ପଡିବ ଏବଂ ଚାଞ୍ଚଲ୍ୟକର ତଥ୍ୟ ଦେବାସହ ସଠିକ୍ ସୂଚନା ଏବଂ ସଠିକ୍ ଶିକ୍ଷା ପ୍ରଦାନ କରିବା ଉପରେ ମଧ୍ୟ ଧ୍ୟାନ ଦେବାକୁ ପଡିବ। ପ୍ରକୃତ ଏବଂ ତଥ୍ୟଭିତ୍ତିକ ସୂଚନାର ବାହକ ହୋଇ, ଗଣମାଧ୍ୟମ ଲୋକମାନଙ୍କୁ ସଠିକ୍ ବିଷୟବସ୍ତୁ ପାଇବାରେ ଏବଂ ମାର୍ଗଦର୍ଶନ କରିବାରେ ସାହାଯ୍ୟ କରିପାରିବ। ଆଜି ପ୍ରତିଯୋଗିତାର ଚକ୍ରରେ ଖବରକୁ ମସଲାଯୁକ୍ତ କରି, ଏହାର ମୂଳ ସଂରଚନା ପରିବର୍ତ୍ତେ, ଏହାକୁ ଏକ ନୂତନ ରୂପରେ ବିକୃତ କରାଯାଉଛି। ଏପରିକି ମନୋରଞ୍ଜନ ସାମଗ୍ରୀରେ ପରିଣତ କରାଯାଉଛି, ଯାହା ଫଳରେ ସେଗୁଡ଼ିକ ସେମାନଙ୍କର ମୂଳ ଉଦ୍ଦେଶ୍ୟରୁ ବିଚ୍ୟୁତ ହେଉଛନ୍ତି ଏବଂ ସାଧାରଣ ଲୋକଙ୍କୁ ପ୍ରେରଣା ଦେଇପାରୁ ନାହାଁନ୍ତି। ଗଣମାଧ୍ୟମ କେବଳ ଖବର ଭାବରେ ଖବରକୁ ଉପସ୍ଥାପନ କରିବା ଉଚିତ, ଯାହା ଦ୍ୱାରା ଏହା ପାଠକ କିମ୍ବା ଦର୍ଶକଙ୍କୁ ଚିନ୍ତା କରିବାକୁ ପ୍ରେରଣା ଦେବ ଏବଂ ସେମାନଙ୍କୁ ମାର୍ଗଦର୍ଶନ କରିବ।

ଗଣମାଧ୍ୟମ ହେଉଛି ଜନସାଧାରଣ ଏବଂ ସରକାରଙ୍କ ମଧ୍ୟରେ ସେତୁ ଏହା ସତ୍ୟ ଯେ ଗଣମାଧ୍ୟମ ସାଧାରଣ ଲୋକଙ୍କ ସ୍ୱର, କିନ୍ତୁ ଏହାର ଭୂମିକା ଏତିକିରେ ସୀମିତ ନୁହେଁ। ସେ ସାଧାରଣ ଲୋକ ଏବଂ ସରକାରଙ୍କ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରନ୍ତି। ସାଧାରଣ ଲୋକଙ୍କ ପ୍ରତିନିଧି ଭାବରେ ସେ ତାଙ୍କର ମତାମତ, ଆବଶ୍ୟକତା ଏବଂ ସମସ୍ୟା ସରକାରଙ୍କ ନିକଟରେ ପହଁଚାଇପାରିବେ ଏବଂ ଜନ କଲ୍ୟାଣ ନୀତି ପ୍ରଣୟନରେ ସରକାରଙ୍କ ମାର୍ଗଦର୍ଶକ ପରାମର୍ଶଦାତା ଭାବରେ କାର୍ଯ୍ୟ କରିପାରିବେ। ସେହି ସମୟରେ ସେ ସରକାରଙ୍କ ପ୍ରସ୍ତାବିତ ଯୋଜନା ଏବଂ କାର୍ଯ୍ୟକ୍ରମ ବିଷୟରେ ସାଧାରଣ ଲୋକଙ୍କୁ ସଚେତନ କରିପାରିବେ। ଏହା ମଧ୍ୟ ଜରୁରୀ କାରଣ ଅନେକ ସମୟରେ ସରକାର ଯୋଜନା ଆରମ୍ଭ କରନ୍ତି, କିନ୍ତୁ ସେଗୁଡ଼ିକ ବିଷୟରେ ସୂଚନା ସାଧାରଣ ଲୋକଙ୍କ ପାଖରେ ପହଁଚି ପାରେ ନାହିଁ ଏବଂ ଅଧିକାଂଶ ଲୋକ ଏହାର ଲାଭ ଉଠାଇବାରୁ ବଞ୍ଚିତ ହୁଅନ୍ତି। ଗଣମାଧ୍ୟମ ସିଧାସଳଖ ଜନସାଧାରଣଙ୍କ ସହିତ ଜଡିତ ହୋଇଥିବାରୁ, ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ କିମ୍ବା ସମୁଦାୟ ପାଇଁ ଯୋଜନା ପ୍ରସ୍ତୁତ କରିବା ସମୟରେ ଗଣମାଧ୍ୟମରୁ ମିଳୁଥିବା ପରାମର୍ଶ ସରକାରଙ୍କୁ ଅଧିକ ପ୍ରଭାବଶାଳୀ ଯୋଜନା ପ୍ରସ୍ତୁତ କରିବାରେ ସାହାଯ୍ୟ କରିପାରିବ।

ଆଜି ପ୍ରଯୁକ୍ତିବିଦ୍ୟା ଗଣମାଧ୍ୟମର ପରିସରକୁ ଏତେ ବିସ୍ତାର କରିଛି ଯେ ଯେକୌଣସି ସୂଚନା କିମ୍ବା ଖବର ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ପାଖରେ ଗଣମାଧ୍ୟମ ଦ୍ୱାରା ମୁହୂର୍ତ୍ତକ ମଧ୍ୟରେ ପହଞ୍ଚିପାରୁଛି। ଏହି ସୁବିଧାକୁ ଏକ ଶକ୍ତିଶାଳୀ, ବିକଶିତ ଏବଂ ଆତ୍ମନିର୍ଭରଶୀଳ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ବ୍ୟବହାର କରାଯାଇପାରିବ। ସାମାଜିକ ଗଣମାଧ୍ୟମ ସହିତ ମିଳିତ ଭାବରେ ଗଣମାଧ୍ୟମ ଏହି ଦିଗରେ ବୈପ୍ଳବୀକ ପରିବର୍ତ୍ତନ ଆଣିପାରିବ। ଆମକୁ କେବଳ ନିଶ୍ଚିତ କରିବାକୁ ପଡିବ ଯେ ଏପରି ସୂଚନା କେବଳ ସଠିକ୍ ଏବଂ ନିର୍ଭରଯୋଗ୍ୟ ଯୋଗାଯୋଗ ମାଧ୍ୟମରେ ପ୍ରସାରିତ ହେବ।

ଏଫ୍-୩୫, ଏନ୍ ଏ ସି ଫ୍ଲାଟ, ୟୁନିଟ-୩,
ଖାରବେଳନଗର, ଭୁବନେଶ୍ୱର
ମୋ-୯୮୬୧୦୬୯୫୫୩

# ଭୁବନେଶ୍ୱର ପାଲଟିବ ସହରୀ ଉଷ୍ମଦ୍ୱୀପ !

## ଡ଼ଃ.ଅରୁନ୍ଧତୀ ଦେବୀ

ଖରାର ପ୍ରକୋପ ବଢ଼ି ଏବେ ତାତିର ରାଜୁତି। ଏବେ ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ପବନ ସହ ଝଡ଼ବର୍ଷା ଲାଗି ରହୁଛି। ଦ୍ୱୈତ ନଗରୀ କଟକ-ଭୁବନେଶ୍ୱର ବ୍ୟତୀତ ଓଡ଼ିଶାର ବିଭିନ୍ନ ଛୋଟ ବଡ଼ ସହରରେ ଖରା ଟାଣ ହେଉଥିଲେ ବି ସାମୁଦ୍ରିକ ବାୟୁ ପ୍ରଭାବରେ ମନୋରମ ପରିବେଶ ରହିଛି। ଦୁଇ ଦିନ ପରେ ପୁଣି କ୍ରମାଗତ ଭାବେ ରାଜଧାନୀ ଓ ରାଜ୍ୟର ତାପମାତ୍ରା ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ରାଜ୍ୟର ପ୍ରମୁଖ ସହରରେ ଏଲପିଜି ଗ୍ୟାସ ସଙ୍କଟ ଯୋଗୁଁ ଅନେକ ଛୋଟ ଛୋଟ ହୋଟେଲ ଓ ଜଳଖିଆ ଦୋକାନୀ କାଠଚୁଲି ଓ କୋଇଲା ଚୁଲିରେ ରୋଷେଇ କରୁଛନ୍ତି। ଯାହାକି ଏବେ ପ୍ରମୁଖ ସହର ପାଇଁ ଏକ ସଙ୍କଟ ପାଲଟିବ ବୋଲି ପାଣିପାଗ ବିଜ୍ଞାନୀମାନେ ଚିନ୍ତା ପ୍ରକଟ କଲେଣି। ଗ୍ରୀଷ୍ମ ଆସିଲେ ସହରୀକରଣ ଓ ଆର୍ଦ୍ରଭୂମିର ଅଭାବ ସହର ମାନଙ୍କ ପାଇଁ କାଳ ହୁଏ। ଏଥର ପୁଣି ଗ୍ରୀଷ୍ମ ପ୍ରଭାବ ଦିନ ସଂଖ୍ୟା ବଢ଼ିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି।

ଏପରି ସ୍ଥଳେ କାଠଚୁଲିର ବ୍ୟବହାର ସହରିଆଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ହେବ କୁହାଯାଉଛି। ପାଣିପାଗ ବିଶେଷଜ୍ଞ କହିଛନ୍ତି, ଗ୍ରୀଷ୍ମ ଆରମ୍ଭ ନ ହେଉଣୁ ଭୁବନେଶ୍ୱର ରାଜ୍ୟର ଉତ୍ତପ୍ତ ସହର ପାଲଟିଯାଏ। ଗତ କାଲି ରାଜଧାନୀବାସୀ ଏହାର ଝଲକ ଦେଖିସାରିଛନ୍ତି। ସେ ଦିନ ରାଜଧାନୀର ଦିନ ତାପମାତ୍ରା ୩୮.୬ ଡିଗ୍ରୀ ରେକର୍ଡ଼ ହୋଇଥିଲା। ଅନ୍ୟପଟେ କଟକର ଦିନ ତାପମାତ୍ରା ଭୁବନେଶ୍ୱର ଠାରୁ ୩ଡିଗ୍ରୀ କମ ଅର୍ଥାତ୍ ୩୫.୬ ଡିଗ୍ରୀ ରହିଥିଲା। ଏହି ତଥ୍ୟକୁ ବିଶ୍ଳେଷଣ କଲେ ଜଣାପଡୁଛି ଭୁବନେଶ୍ୱର ଧୀରେ ଧୀରେ ଏକ ଉଷ୍ମଦ୍ୱୀପ ଭାବେ ମୁଣ୍ଡ ଟେକିଲାଣି। ସମାନ ଦ୍ରାଘିମା ଏବଂ ଅତି ନିକଟବର୍ତ୍ତୀ ଅକ୍ଷାଂଶରେ ଥିବା କଟକ ସହରର ସର୍ବୋଚ୍ଚ ତାପମାତ୍ରା ଭୁବନେଶ୍ୱର ସହ ସମାନ ରହିବା କଥା। କିନ୍ତୁ ସେଥିରେ ବିଲକ୍ଷଣ ଦେଖାଯାଉଛି। ସବୁବେଳେ କଟକର ଦିନ ତାପମାତ୍ରା ଭୁବନେଶ୍ୱର ଠାରୁ ୩ରୁ ୪ ଡିଗ୍ରୀ କମ ରହୁଛି।

ଉଷ୍ମଦ୍ୱୀପ ଏମିତି ଏକ କ୍ଷେତ୍ର, ସମାନ ସୂର୍ଯ୍ୟକିରଣ ସତ୍ତ୍ୱେ ଯାହା ନିଜ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଠାରୁ ଅଧିକ ଉତ୍ତପ୍ତ ରହେ। ଏହାର ମୁଖ୍ୟ କାରଣ ହେଉଛି ସୁଉଚ୍ଚ କଂକ୍ରିଟ ଅଟ୍ଟାଳିକା, ପିଚୁ, ସଡ଼କ, କଂକ୍ରିଟ ଜଙ୍ଗଲ, ଗଛକଟା ତଥା ଆର୍ଦ୍ରଭୂମି ନଷ୍ଟ। ରାଜଧାନୀ ଭୁବନେଶ୍ୱରର ଭୁଲ ଟାଉନ ପ୍ଲାନିଂ ଓ ଆର୍ଦ୍ରଭୂମିର ଅଭାବ ଏହାକୁ ଧୀରେ ଧୀରେ ଉଷ୍ମଦ୍ୱୀପରେ ପରିଣତ କରୁଛି। ବାସ୍ତବରେ ଭୁବନେଶ୍ୱର ସମୁଦ୍ର ଠାରୁ ମାତ୍ର ୬୦ କିମି ଦୂରତା ମଧ୍ୟରେ ରହୁଛି। ଫଳରେ ରାଜଧାନୀକୁ ଅପରାହ୍ନ ୩ଟା ଆଡ଼କୁ ସାମୁଦ୍ରିକ ପବନ ବହେ। ଯାହାକି ତାପମାତ୍ରାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରୁଥିଲା। ହେଲେ ସାମୁଦ୍ରିକ ପବନ ଆସିବା ଦିଗରେ ଉଚ୍ଚ ଉଚ୍ଚ ଅଟ୍ଟାଳିକା ବାଧକ ସାଜିଥିବା ବେଳେ ସହର ଭିତରର ଉଷ୍ମବାୟୁ ବାହାରକୁ ବାହାରିପାରୁନାହିଁ। ଫଳରେ ରାଜଧାନୀ ଖରାଦିନେ ସହରୀ ଉଷ୍ମଦ୍ୱୀପରେ ପରିଣତ ହୋଇଯାଏ। ଆଉ ଏବେ ଅତ୍ୟଧିକ ପରିମାଣରେ କାଠଚୁଲିର ବ୍ୟବହାର ଏହି ସମସ୍ୟାକୁ ଆହୁରି ବଢ଼ାଇଦେବ। ଇଏ କେବଳ ରାଜଧାନୀର କଥା ନୁହେଁ, ଓଡ଼ିଶାର ହଜାର ବର୍ଷର ସହର ଭାବେ ସମୃଦ୍ଧ କଟକର ମଧ୍ୟ ସମାନ ପରିସ୍ଥିତି। ତେବେ କଟକର ଦୁଇପଟରେ ନଦୀ ରହୁଥିବାରୁ ଏବଂ କଟକର ନିକଟବର୍ତ୍ତୀ ଅଞ୍ଚଳମାନଙ୍କରେ ରହିଥିବା ଜନବସତିରେ ପ୍ରାୟତଃ ବୃକ୍ଷରାଜି ଅନେକ ରହୁଥିବାରୁ ପରିସ୍ଥିତି ସାମାନ୍ୟ ଭିନ୍ନ ରହୁଛି।

ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମେ ଆମ ଚାହିଦାକୁ ଦେଖି ଯେଉଁପରି ଭାବରେ ପ୍ରଚୁର ପରିମାଣରେ ଗଛ କାଟୁଛେ ସେହି ଅନୁପାତରେ ଗଛ ଲାଗୁନାହିଁ। ତେଣୁ ଦିନକୁ ଦିନ ବିଶାଳ ସବୁଜ କଂକ୍ରିଟ ମୁଣ୍ଡ ଟେକୁଥିବାବେଳେ ବୃକ୍ଷ ରୋପଣ ଖୁବ କମ ହେଉଛି। ସେହିପରି ଜଳବାୟୁର ବେଲଗାମ ପରିସ୍ଥିତି ଅନେକ ସମୟରେ ଅଚାନକ ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ସୃଷ୍ଟି କରୁଛି। ତେଣୁ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମ୍ଭେମାନେ ଯଥାସମ୍ଭବ ସବୁଜ ପରିବେଶ ତିଆରି କରିବା, ଆଖପାଖ ପରିବେଶକୁ ସଫା ସୁତୁରା ରଖିବା ଏବଂ ପରିବେଶକୁ କିପରି ତାତିରେ ନବଢ଼ାଇବା ସେ ଦିଗକୁ ଲକ୍ଷ୍ୟ ରଖିବା ସହ ସୀମିତ ଗ୍ୟାସ ବ୍ୟବହାର କରି ଆମେ ଆମ ଜୀବନ ପ୍ରଣାଳୀକୁ ଆଗେଇ ନେଇପାରିବା।

ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଜୀବନରେ ଧ୍ୟାନର ମ୍ୟାଜିକ୍

## ପଣ୍ଡିତ ସୋମନାଥ ଦାଶ

ଆମେ ଅନେକ ସମୟରେ ଦେଖିବାକୁ ପାଉ ଅନେକ ଲୋକ ଦୁଇ ଆଖି ବନ୍ଦ କରି ନିରବରେ ବସି ଥାନ୍ତି। ସାଧାରଣରେ ଏହାକୁ ଧ୍ୟାନ ବୋଲି କୁହାଯାଏ। ତେବେ ଧ୍ୟାନ କ'ଣ? ଏହାର ଆବଶ୍ୟକତା? ଏହାର ଉପକାରିତା? ଏହି ପରି ଅନେକ ପ୍ରଶ୍ନ ଅନେକଙ୍କ ଭିତରେ ଉଠିଥାଏ। ବାସ୍ତବରେ ଧ୍ୟାନ ଏକ ଛୋଟିଆ କଥା ନୁହେଁ। ଯେଉଁମାନେ ଧ୍ୟାନକୁ ସାଧନ କରିଥାନ୍ତି ସେମାନେ ଅସାଧାରଣ ପ୍ରତିଭାସମ୍ପନ୍ନ ହୋଇଥାନ୍ତି। ଧ୍ୟାନ ହେଉଛି ଏକପ୍ରକାର ମାନସିକ ବ୍ୟାୟାମ । ଏକାଗ୍ର ଚିତ୍ତରେ ଧ୍ୟାନ କଲେ ମନ ଭିତରୁ ସମସ୍ତ ଚିନ୍ତା ଦୂରୀଭୂତ ହେବା ସହିତ ଶରୀରକୁ ଆରାମ ମିଳେ । ମୁଣ୍ଡ ହାଲୁକା ଲାଗେ । ଧ୍ୟାନ ମନକୁ ପବିତ୍ର କରେ ଏବଂ ଏହା ଧ୍ୟାନୀକୁ ଆତ୍ମିକ ସ୍ତର ସ୍ପର୍ଶ କରିବାରେ ସହାୟତା କରିଥାଏ । ଧ୍ୟାନ ବୌଦ୍ଧିକ ଜ୍ଞାନପ୍ରାପ୍ତିର ଉଚିତମାର୍ଗ ବୋଲି ସାଧୁସନ୍ଥମାନେ କହନ୍ତି । ଯେପରି ଏକ ଜଳପୂର୍ଣ୍ଣ ପାତ୍ରରେ ଆଉ ପାଣି ଢ଼ାଳିଲେ ତାହା ତଳକୁ ବହିଯାଏ, ସେହିପରି ପୂର୍ବରୁ ଭାରାକ୍ରାନ୍ତ ମନରେ ନୂଆ କିଛି ଚିନ୍ତନ ଆସିପାରେ ନାହିଁ, ସୃଜନଶୀଳତା ନଷ୍ଟ ହୋଇଯାଏ । ମନ ଓ ଶରୀରକୁ ହାଲୁକା କରିଦେଲେ ସୃଜନାତ୍ମକ ଭାବ ମନକୁ ଆସେ ଏବଂ ଅସମାହିତ ସମସ୍ୟାଗୁଡ଼ିକର ସମାଧାନ କରିବା ସହଜ ହୁଏ । ଏଥିଲାଗି ଧ୍ୟାନ ହେଉଛି ଏକ ବହୁ ଫଳପ୍ରଦ ମାନସିକ ବ୍ୟାୟାମ । ଯେଉଁଳି ପାରିପାର୍ଶ୍ୱିକ ପରିସ୍ଥିତି ଶାନ୍ତ ଓ ନିରବ ନ ହେଲେ ଅନ୍ୟର କଥା ଶୁଣିବା ସହଜ ହୁଏ ନାହିଁନ ଭିତର ସଂପୂର୍ଣ୍ଣ ଶୂନ୍ୟ ନହେଲେ ଅନ୍ୟ କୌଣସି କଥା ମନ ଭିତରେ ପ୍ରବେଶ କରିପାରେ ନାହିଁ । ଶରୀରର ବାହ୍ୟ ଅଂଶରେ କୌଣସି ପ୍ରକାର ଆଘାତକୁ ସିନା ଡାକ୍ତରଙ୍କ ସାହାଯ୍ୟରେ ମରାମତି କରିହେବ, ଔଷଧ ଖାଇଲେ ଆରୋଗ୍ୟ ମିଳିବ, ଅନ୍ତର ଭିତରର କ୍ଷତିକୁ ଭରଣା କରିବେ କିପରି ? ସେଥିପାଇଁ କେତେଗୁଡ଼ିଏ ପ୍ରାକୃତିକ ଆରୋଗ୍ୟ ପ୍ରକ୍ରିୟା ରହିଛି, ଆମକୁ ପ୍ରତିଦିନ ଅଭ୍ୟାସ କରିବାକୁ ହେବ । ପ୍ରତିଦିନ ଧ୍ୟାନ କରିବା ଏଥିରୁ ଅନ୍ୟତମ ।

ପ୍ରତିଦିନ ଅଭ୍ୟାସ କରି ଧ୍ୟାନ କରୁଥିବା ବ୍ୟକ୍ତିବିଶେଷଙ୍କ ଯୁବାବସ୍ଥା ଅଧିକ ଦିନ ସତେଜ ରହିପାରେ । ମାନସିକ ତଥା ଶାରୀରିକ ସ୍ତରରେ ସେମାନେ ପ୍ରଫୁଲ୍ଲ ଦେଖାଯାନ୍ତି । ଧ୍ୟାନ ସମୟରେ ମନ୍ତ୍ର ଉଚ୍ଚାରଣ କଲେ ମନରେ ଏକାଗ୍ରତା ଆଣିବା ସହଜ ହୋଇଥାଏ ।

ଶାନ୍ତ ପରିବେଶରେ ଏକ ଆସନ ଉପରେ ଚକା ପକାଇ ହାତ ଯୋଡ଼ି ଆରାମରେ ବସନ୍ତୁ ଯେପରି ପିଠି ପୁରା ସିଧା ରହିବ । ପଦ୍ମାସନରେ ବସିଲେ ଅତି ଉତ୍ତମ । ଚକା ପକାଇ ବସିବା ବେଳେ ଦୁଇ ହାତକୁ ଦୁଇ ଆଣ୍ଠୁ ଉପରେ ରଖନ୍ତୁ । ଏବେ ଆଖି ବନ୍ଦ କରି ଶରୀର ଓ ମନକୁ ହାଲୁକା କରିବା ଦରକାର । ମନ ଭିତରକୁ ଯାହା ଭାବନା ଆସିଲେ ବି ସେଥିପ୍ରତି ଦୃଷ୍ଟି ଦିଅନ୍ତୁ ନାହିଁ । ଏପରି ୨୦ ମିନିଟ୍ କରିବା ପରେ କ୍ରମାଗତ 'ଓମ୍' ଉଚ୍ଚାରଣ କଲେ ମନକୁ ହାଲୁକା କରିବା ଆହୁରି ସହଜ । କାନ୍ଥରେ ଏକ ବିନ୍ଦୁ ଲେଖି ତା ଉପରେ କିଛି ସମୟ ଦୃଷ୍ଟି ନିବଦ୍ଧ କଲେ ଏକାଗ୍ରତା ଆସିବ ଏବଂ ପରେ ଚକ୍ଷୁ ବନ୍ଦ କରି ଧ୍ୟାନ କରିହେବ । ନିୟମିତ ଧ୍ୟାନର କିଛି ଦିନ ପରେ ମନ ସ୍ଥିର ହୋଇଯିବ ଏବଂ ମନ ଏପଟ ସେପଟ ହେବନାହିଁ । ଏପରି କି ଜନଗହଳି ସ୍ଥାନରେ ବସି ମଧ୍ୟ ଧ୍ୟାନ କରିବାରେ ମଧ୍ୟ ଅସୁବିଧା ହେବ ନାହିଁ ।

କର୍ମକାଣ୍ଡ ବିଶାରଦ ଓ ଜ୍ୟୋତିଷ ପରାମର୍ଶଦାତା, 'ମା ଶାରଳା ଆଷ୍ଟ୍ରୋ ପଏଣ୍ଟ' ସେକ୍ଟର-୭, ସିଡିଏ, କଟକ,
ଦୂରଭାଷ : ୭୦୦୮୦୦୦୮୯୮



# ୮୦ ଜଳହସ୍ତୀଙ୍କ ଜୀବନ ରକ୍ଷା ପାଇଁ କଲମ୍ବିଆକୁ ଅନନ୍ତ ଅମ୍ବାନୀଙ୍କ ଅପିଲ

**ଜାମନଗର (ଭାରତ),୨୮।୪ (ନି.ପ୍ର) :** ଦକ୍ଷିଣ ଆମେରିକୀୟ ଦେଶ କଲମ୍ବିଆର ମେଗଡାଲିୟାନା ନଦୀ ଉପତ୍ୟକାରେ ବାସ କରୁଥିବା ୮୦ ଜଳହସ୍ତୀଙ୍କୁ ହତ୍ୟା କରିବା ପାଇଁ ଏକ ନିର୍ଦ୍ଦେଶ ଜାରି କରାଯାଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ବିଶ୍ୱର ସର୍ବବୃହତ ବନ୍ୟପ୍ରାଣୀ ଉଦ୍ଧାର ଏବଂ ସଂରକ୍ଷଣ କେନ୍ଦ୍ର ମଧ୍ୟରୁ ଅନ୍ୟତମ 'ବନତାରା' ର ପ୍ରତିଷ୍ଠାତା ଅନନ୍ତ ମୁକେଶ ଅମ୍ବାନୀ କଲମ୍ବିଆ ସରକାରଙ୍କୁ ଏହି ଜଳହସ୍ତୀଙ୍କ ଜୀବନ ରକ୍ଷା କରିବାକୁ ଆନୁଷ୍ଠାନିକ ଭାବେ ଅନୁରୋଧ କରିଛନ୍ତି। ସେ ଏକ ମାନବୀୟ ବିକଳ୍ପ ପ୍ରସ୍ତାବ ଦେଇଛନ୍ତି: ଏହି ପ୍ରାଣୀମାନଙ୍କୁ ସୁରକ୍ଷିତ ଏବଂ ବୈଜ୍ଞାନିକ ଉପାୟରେ ଗୁଜୁରାଟର ଜାମନଗରସ୍ଥିତ 'ବନତାରା'କୁ ପଠାଯାଉ, ଯେଉଁଠାରେ ସେମାନଙ୍କୁ ଏକ ସ୍ଥାୟୀ ବାସସ୍ଥାନ ମିଳିପାରିବ। କଲମ୍ବିଆର ପରିବେଶ ମନ୍ତ୍ରୀ ଇରେନ୍ ଭେଲେଜ୍ ଟୋରେସଙ୍କୁ ଲିଖିତ ଏକ ଚିଠିରେ ଏହି ଅନନ୍ତ ଅମ୍ବାନୀ ଏହି ଅପିଲ କରିଛନ୍ତି। ଚିଠିରେ କଲମ୍ବିଆ କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନ ଏବଂ ଅନୁମୋଦନ ସହିତ ପୂର୍ଣ୍ଣ ସହାୟତା ପ୍ରଦାନ କରାଯିବା ନେଇ ଉଲ୍ଲେଖ କରାଯାଇଛି। ଏହି ପ୍ରସ୍ତାବ ପ୍ରାଣୀ କଲ୍ୟାଣ ପ୍ରତି ଅନନ୍ତ ଅମ୍ବାନୀଙ୍କ ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି, ଯେଉଁ ପ୍ରତିବଦ୍ଧତା ଯାହା ପାଇଁ ତାଙ୍କୁ ନିକଟରେ 'ଗ୍ଲୋବାଲ୍ ହ୍ୟୁମେନ୍ ଆୱାର୍ଡ'ରେ ସମ୍ମାନିତ କରାଯାଇଥିଲା। ସେ ଏହି ସମ୍ମାନଜନକ ପୁରସ୍କାର ପାଇବାରେ ସବୁଠାରୁ କମ୍ ବୟସ୍କ ବ୍ୟକ୍ତି ଏବଂ ଏସିଆର ପ୍ରଥମ।

ଅନନ୍ତ ଅମ୍ବାନୀ କହିଛନ୍ତି, 'ଏହି ୮୦ ଜଳହସ୍ତୀ ହେଉଛନ୍ତି ସମ୍ବେଦନଶୀଳ ପ୍ରାଣୀ ଯେଉଁମାନେ ବଦଳୁଥିବା ପରିସ୍ଥିତିର ଶିକାର ହୋଇଛନ୍ତି। ଯଦି ଆମେ ସେମାନଙ୍କୁ ସୁରକ୍ଷିତ ଏବଂ ମାନବୀୟ ଉପାୟରେ ଉଦ୍ଧାର କରିବାର କ୍ଷମତା ରଖୁ, ତେବେ ଏହା କରିବା ପାଇଁ ସମସ୍ତ ପ୍ରକାରର ପ୍ରୟାସ କରିବା ଆମର ଦାୟିତ୍ୱ।' ବନତାରା କଲମ୍ବିଆ କର୍ତ୍ତୃପକ୍ଷଙ୍କୁ ଏକ ବିସ୍ତୃତ ଯୋଜନା ଦାଖଲ କରିଛି, ଯେଉଁଥିରେ ପଶୁଚିକିତ୍ସା ବିଶେଷଜ୍ଞଙ୍କ ଏକ ଦଳ ନିୟୋଜନ, ସୁରକ୍ଷିତ ପରିବହନ ବ୍ୟବସ୍ଥା କରିବା, ଜୈବ ସୁରକ୍ଷା ପ୍ରୋଟୋକଲ ଏବଂ ସେମାନଙ୍କ ପ୍ରାକୃତିକ ପରିବେଶ ଅନୁରୂପ ଏକ ବାସସ୍ଥାନ ପ୍ରଦାନ କରିବା ଅନ୍ତର୍ଭୁକ୍ତ ରହିଛି।



ଅନନ୍ତ ଅମ୍ବାନୀ ଆହୁରି କହିଛନ୍ତି, 'କରୁଣା ଏବଂ ପ୍ରାଣୀ ଜୀବନର ସଂରକ୍ଷଣ ପରସ୍ପର ବିରୋଧୀ ନୁହେଁ। ସଠିକ୍ ବୈଜ୍ଞାନିକ ଚିଂାଧାରା ଏବଂ ଏକ ଯୋଜନାବଦ୍ଧ ପଦ୍ଧତି ସହିତ କାର୍ଯ୍ୟ କରି, ସ୍ଥାନୀୟ ସମୁଦାୟ ଏବଂ ପ୍ରକୃତିକୁ ସୁରକ୍ଷା ଦେବା ସହିତ ପ୍ରାଣୀମାନଙ୍କୁ ମଧ୍ୟ ରକ୍ଷା କରିବା ସମ୍ଭବ ଅଟେ। ବନତାରା ନିକଟରେ ଏହି କାର୍ଯ୍ୟକୁ ସଫଳତାର ସହିତ ସମ୍ପୂର୍ଣ୍ଣ କରିବା ପାଇଁ ଆବଶ୍ୟକ ବିଶେଷଜ୍ଞତା ଏବଂ ଭିତ୍ତିଭୂମି ଉପଲବ୍ଧ ରହିଛି।

ବନତାରା ଆନୁଷ୍ଠାନିକ ଭାବରେ ଅନୁରୋଧ କରିଛି ଯେ ଏହି ବିକଳ୍ପ ଉପରେ ପୂର୍ଣ୍ଣଭାବରେ ବିଚାର ହେବା ପର୍ଯ୍ୟନ୍ତ ପ୍ରାଣୀମାନଙ୍କୁ ହତ୍ୟା କରିବାର ନିଷ୍ପତ୍ତିକୁ ସ୍ଥଗିତ ରଖାଯାଉ। ଏହା ବ୍ୟତୀତ, ବନତାରା କଲମ୍ବିଆ କର୍ତ୍ତୃପକ୍ଷଙ୍କ ସହିତ ସିଧାସଳଖ ଯୋଡି ହୋଇ ଏକ ବ୍ୟାପକ ବୈଜ୍ଞାନିକ, କାର୍ଯ୍ୟକ୍ଷମ ଏବଂ କଲ୍ୟାଣକାରୀ ପ୍ରସ୍ତାବ ଉପସ୍ଥାପନ କରିବା ପାଇଁ ପୂର୍ଣ୍ଣ ପ୍ରସ୍ତୁତ ରହିଛି।

ଏହି ପ୍ରସ୍ତାବ ବନତାରାର ମୂଳ ଦର୍ଶନ 'ପ୍ରତ୍ୟେକ ଜୀବ ଅମୂଲ୍ୟ' କୁ ପ୍ରତିଫଳିତ କରୁଛି। ଏହା ବନ୍ୟପ୍ରାଣୀ ସମ୍ବନ୍ଧୀୟ ଜଟିଳ ବିଶ୍ୱ ଚ୍ୟାଲେର ବ୍ୟାପକ ଭାବରେ ବିଜ୍ଞାନ-ଆଧାରିତ ସମାଧାନ ପ୍ରଦାନ କରିବାରେ ଭାରତର ଉଦୀୟମାନ ଭୂମିକାକୁ ମଧ୍ୟ ରେଖାଙ୍କିତ କରୁଛି। ଏହି ଯୋଜନାର ଯେକୌଣସି କାର୍ଯ୍ୟାନ୍ୱୟନ କଲମ୍ବିଆ ଏବଂ ଭାରତ ସରକାରଙ୍କ ଆବଶ୍ୟକୀୟ ଅନୁମୋଦନ ଏବଂ ସମ୍ବନ୍ଧିତ ଅନ୍ତର୍ଜାତୀୟ କର୍ତ୍ତୃପକ୍ଷଙ୍କ ଅନୁମତି ମିଳିବା ପରେ ହିଁ କରାଯିବ।

# ଅଭିଭା ସିକ୍ୟୋର ନେକ୍ଷ୍ଟ ଆନ୍ୟୁଟି ପ୍ଲାନ୍‌ର ଶୁଭାରମ୍ଭ

**ଭୁବନେଶ୍ୱର, ୨୮।୪ (ନି.ପ୍ର) :** ଅଭିଭା ଇଣ୍ଡିଆ ପକ୍ଷରୁ ଏକ ରିଟାୟାରମେଂଟ ସଲ୍ୟୁଶନ ଅଭିଭା ସିକ୍ୟୋର ନେକ୍ଷ୍ଟ ଆନ୍ୟୁଟି ପ୍ଲାନର ଶୁଭାରମ୍ଭ କରାଯାଇଛି । ଯାହା ଗ୍ରାହକଙ୍କୁ ଏକ ୱାନ-ଟାଇମ ସିଙ୍ଗଲ ପ୍ରିମିୟମ ପେମେଂଟ ସହିତ ଜୀବନକାଳ ପାଇଁ ନିୟମିତ ଆୟ ହାସଲ କରିବାକୁ ଅନୁମତି ଦେଇଥାଏ। ଏହି ପ୍ଲାନ ୮୦ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରବେଶ ସୁବିଧା ପ୍ରଦାନ କରୁଛି। ଅଭିଭା ସିକ୍ୟୋର ନେକ୍ଷ୍ଟ ଆନ୍ୟୁଟି ପ୍ଲାନ, ସିଙ୍ଗଲ ଲାଇଫ ଓ ଜଏଂଟ ଲାଇଫ କଭରେଜ, ସୁବିଧାଜନକ ପେମେଂଟ ଫ୍ରିକ୍ୱେନ୍ସି ସହ ଜୀବନବ୍ୟାପୀ ନିଶ୍ଚିତ ଆୟ ଭଳି ସୁବିଧା ପ୍ରଦାନ କରୁଛି । ଏଥି ସହିତ ବିବିଧ ଆବଶ୍ୟକତା ସହ ମେଳ ଖାଇବା ପାଇଁ ଏକାଧିକ ଆନ୍ୟୁଟି ବିକଳ୍ପ ଏବଂ ନୋମିନିଙ୍କ ପାଇଁ ଉତରାଧିକାରୀଙ୍କୁ ସୁରକ୍ଷିତ ରଖିବା ଲାଗି ଏକ କ୍ରୟ ମୂଲ୍ୟ ରିଟର୍ଣ୍ଣ ଫିଚର ପ୍ରଦାନ କରୁଛି।

ଏହା ପେନସନ ଫଣ୍ଡ ରେଗୁଲେଟୋରୀ ଆଣ୍ଡ ଡେଭ୍‌ଲପମେଂଟ ଅଥୋରିଟି (ପିଏଫଆରଡିଏ) ନିୟାମକ ସହ ସମନ୍ୱିତ ରହିଛି, ଯାହା ଏହାକୁ ନ୍ୟାଶନାଲ ପେନ୍‌ସନ ସିଷ୍ଟମ (ଏନପିଏସ) ସବ୍‌ସ୍କ୍ରାଇବରଙ୍କ ପାଇଁ ଏକ ପ୍ରାସଙ୍ଗିକ ବିକଳ୍ପରେ ପରିଣତ କରୁଛି। ଏହି ଶୁଭାରମ୍ଭ ସମ୍ପର୍କରେ ଅଭିଭା ଇଣ୍ଡିଆର ଏମ୍‌ଡି ଓ ସିଇଓ, ଅସିତ ରଥ କହିଛନ୍ତି, 'ରିଟାୟାରମେଂଟ ହେଉଛି ଏକ ସଫଳତା ଯାହା ସୁରକ୍ଷା ଓ ମର୍ଯ୍ୟାଦା ଦ୍ୱାରା ଚିହ୍ନିତ ହେବା ଉଚିତ। ଅଭିଭା ସିକ୍ୟୋର ନେକ୍ଷ୍ଟ ଆନ୍ୟୁଟି ପ୍ଲାନ ସହିତ ଆମେ ଆମର ଗ୍ରାହକଙ୍କୁ ଜୀବନବ୍ୟାପୀ ଆୟର ଏକ ସ୍ଥିର ସ୍ରୋତ ନିଶ୍ଚିତ କରିବା ସହିତ ସେମାନଙ୍କ ପ୍ରିୟଜନଙ୍କର ଆର୍ଥିକ କଲ୍ୟାଣକୁ ସୁରକ୍ଷିତ ରଖିବା ପାଇଁ ଏକ ସରଳ ତଥାପି ଶକ୍ତିଶାଳୀ ମାର୍ଗ ପ୍ରଦାନ କରୁଛୁ।' ସେହିପରି ଅଭିଭା ଇଣ୍ଡିଆର ଚିଫ୍ ଓ ଆପଏଂଟେଡ ଆକ୍‌ଚୁଆରୀ, ଅଜୟ କୁମାର ତ୍ରିପାଠୀ କହିଛନ୍ତି, 'ଅଭିଭା ସିକ୍ୟୋର ନେକ୍ଷ୍ଟ ଆନ୍ୟୁଟି ପ୍ଲାନକୁ ସୁବିଧା ସହ ନିଶ୍ଚିତ ରିଟର୍ଣ୍ଣକୁ ସନ୍ତୁଳିତ ରଖିବା ପାଇଁ ଯତ୍ନଶୀଳ ଭାବେ ପ୍ରସ୍ତୁତ କରାଯାଇଛି। ଜଏଂଟ ଲାଇଫ କଭରେଜ ଓ କ୍ରୟ ମୂଲ୍ୟର ରିଟର୍ଣ୍ଣ ଭଳି ବିକଳ୍ପ ପ୍ରଦାନ କରି ଆମେ ଉଭୟ ସ୍ଥିରତା ଓ ପରିବାରର ସୁରକ୍ଷା ଚାହୁଁଥିବା ଗ୍ରାହକଙ୍କ ବିବିଧ ଆବଶ୍ୟକତା ପୂରଣ କରୁଛୁ।

# ଟ୍ରାଇଡେଣ୍ଟ ଗ୍ରୁପ ପକ୍ଷରୁ ତକ୍ଷଶିଳା-୨୦୨୬ ନିଯୁକ୍ତି କାର୍ଯ୍ୟକ୍ରମ

**କେନ୍ଦୁଝର, ୨୮।୪ (ନି.ପ୍ର) :** ଟ୍ରାଇଡେଂଟ ଗ୍ରୁପର ଫ୍ଲାଗସିପ କମ୍ପାନୀ ଏବଂ ଭାରତର ଅନ୍ୟତମ ପ୍ରମୁଖ ବ୍ୟବସାୟିକ ପ୍ରତିଷ୍ଠାନ ଟ୍ରାଇଡେଂଟ ଲିମିଟେଡ ପକ୍ଷରୁ ତକ୍ଷଶିଳା ନିଯୁକ୍ତି କାର୍ଯ୍ୟକ୍ରମର ୨୫ତମ ସଂସ୍କରଣ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଗ୍ରୁପ ଏହାର ମାନୁଫ୍ୟାକ୍‌ଚରିଂ ୟୁନିଟ୍‌ଗୁଡିକରେ ୩ ବର୍ଷ ପର୍ଯ୍ୟନ୍ତ ଅଭିଜ୍ଞତାଥିବା ୨୦୦୦ରୁ ଅଧିକ ଗ୍ରାଜୁଏଟ ଓ ଡିପ୍ଲୋମା କରିଥିବା ଯୁବବର୍ଗଙ୍କୁ ନିଯୁକ୍ତ କରିବ। ଏହି ନିଯୁକ୍ତି ଅଭିଯାନର ଅଂଶ ଭାବେ ଟ୍ରାଇଡେଂଟ ଟେକ୍ସଟାଇଲ ଅପରେଶନ୍ସ, ଇଞ୍ଜିନିୟରିଂ, କ୍ୱାଲିଟି, ଆକାଉଂଟସ, ସପ୍ଲାଇ ଚେନ, ଇନ୍‌ଫରମେଶନ ଟେକ୍ନୋଲୋଜି, ଆଡ୍‌ମିନ ଓ ଏଚଆର ଭଳି ବିଭିନ୍ନ ଶୃଙ୍ଖଳାର ଟେକ୍ନିକାଲ ଓ ଅପରେଶ୍‌ନାଲ ପଦବୀ ପାଇଁ ଆବେଦନ ଆହ୍ୱାନ କରିଛି ଏବଂ ବାର୍ଷିକ




୧୨ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଥିବା ବେତନ ପାଇଁ ସୁଯୋଗ ପ୍ରଦାନ କରୁଛି। ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଟ୍ରାଇଡେଂଟ ଗ୍ରୁପର ଗ୍ରୁପ୍ ସିଏଚଆରଓ ପୁଜା ବି.ଲୁଥ୍ରା କହିଛନ୍ତି, 'ରାଷ୍ଟ୍ର ନିର୍ମାଣ ପ୍ରତି ଆମର ପ୍ରତିବଦ୍ଧତା ପ୍ରତିଭାଶାଳୀ ଯୁବପିଢିଙ୍କୁ ସୁଯୋଗ ପ୍ରଦାନ କରିବା, ଏକ ବିକଶିତ ଭାରତ ଦିଗରେ ଆମର ଯାତ୍ରାରେ ଯୋଗ ଦେବା ପାଇଁ ନୂଆ ପ୍ରତିଭାମାନଙ୍କୁ ସ୍ୱାଗତ କରିବାରେ ଅନ୍ତର୍ନିହିତ ରହିଛି। ଏହି ସଂସ୍ଥା ଆଧୁନିକ, ସ୍ୱୟଂଚାଳିତ ଓ ଏଆଇ-ପରିଚାଳିତ ଉତ୍ପାଦନ ପରିବେଶ ପାଇଁ ଆବଶ୍ୟକ ଦକ୍ଷତା, ସ୍ଥିରତା ଓ ବୈଷୟିକ ପ୍ରସ୍ତୁତ ସହ ସୁସଜ୍ଜିତ ଏକ କର୍ମବଳ ସୃଷ୍ଟି କରି ଭାରତର ଦୀର୍ଘକାଳିନ ଶିଳ୍ପ ଅଭିବୃଦ୍ଧିକୁ ସୁଦୃଢ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ନିଯୁକ୍ତି ଅଭିଯାନରେ ୬ ମାସର ନେତୃତ୍ୱ ବିକାଶ ଓ ଦକ୍ଷତା ଉନ୍ନତିକରଣ ଅନ୍ତର୍ଭୁକ୍ତ ରହିଛି। ଏହା ଅଧୀନରେ ଯୋଗ୍ୟ ପ୍ରାର୍ଥୀମାନେ ପ୍ରଦର୍ଶନ ସହ ଜଡିତ ପ୍ରୋତ୍ସାହନ ରାଶି, ପରିବର୍ତନଶୀଳ ବେତନ, ଢାଂଚାଗତ ଶିକ୍ଷା ଓ ବିକାଶ କାର୍ଯ୍ୟକ୍ରମ, ମାଗଣା ହଷ୍ଟେଲ ରହଣୀ, ସବ୍‌ସିଡିଯୁକ୍ତ ଖାଦ୍ୟ, କ୍ରୀଡା ପାଇଁ ପହଂଚ ଓ ଜିମ ସୁବିଧା, ପର୍ଯ୍ୟାୟକ୍ରମିକ ସ୍ୱୀକୃତି ଓ ପୁରସ୍କାରରୁ ଉପକୃତ ହୋଇପାରିବେ। ଏହି ଅଭିଯାନ ମାଧ୍ୟମରେ ଟ୍ରାଇଡେଂଟ ଏହାର ଦୀର୍ଘାବଧି ଅଭିବୃଦ୍ଧି ରଣନୀତିର ଏକ ମୂଳ ଉପାଦାନ ଭାବେ ମାନବ ପୁଞ୍ଜିରେ ନିବେଶ କରିବା ଜାରି ରଖିବ।

# ବେଦାନ୍ତ ଆଲୁମିନିୟମ ଝାରସୁଗୁଡାରେ ୧,୦୦୦ରୁ ଅଧିକ ଲୋକଙ୍କ ମଧ୍ୟରେ ମ୍ୟାଲେରିଆ ସଚେତନତା ସୃଷ୍ଟି

**ଝାରସୁଗୁଡା,୨୮।୪ (ନି.ପ୍ର) :** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡାର କେଲଡାମାଲ, ଗୁଡିଗାଁ ଏବଂ ବରହାମୁଣ୍ଡା ଗ୍ରାମରେ ଆୟୋଜିତ ଏକ ବ୍ୟାପକ ସାମୁହିକ ସ୍ୱାସ୍ଥ୍ୟ ଅଭିଯାନ ମାଧ୍ୟମରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ)ର ବିଶ୍ୱ ଅଭିଯାନ ବିଷୟବସ୍ତୁ 'ମ୍ୟାଲେରିଆ ସମାପ୍ତ କରିବାକୁ ସଙ୍କଳ୍ପ: ଏବେ ଆମେ ପାରିବୁ-ଏବେ ଆମେ ନିଶ୍ଚିତ ସହିତ ସମନ୍ୱିତ, ଏହି ପଦକ୍ଷେପ ଗ୍ରାମୀଣ ସମ୍ପ୍ରଦାୟକୁ ମ୍ୟାଲେରିଆ ଦୂର କରିବା ପାଇଁ ଆବଶ୍ୟକ ସଚେତନତା ଏବଂ ଉପକରଣ ସହିତ ସଶକ୍ତ କରିବାକୁ ଚେଷ୍ଟା କରିଥିଲା। ଏହି କାର୍ଯ୍ୟକ୍ରମରେ ମ୍ୟାଲେରିଆ ନିବାରଣ ଅଭ୍ୟାସ, ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ ଏବଂ ସମୟୋଚିତ ପରୀକ୍ଷା ଏବଂ ଚିକିତ୍ସାର ଗୁରୁତ୍ୱ ଉପରେ ସଂରଚିତ ସଚେତନତା ଅଧିବେଶନ ମାଧ୍ୟମରେ ୧,୦୦୦ ରୁ ଅଧିକ ସମ୍ପ୍ରଦାୟ ସଦସ୍ୟଙ୍କୁ ସାମିଲ କରାଯାଇଥିଲା। ଶେଷ ମାଇଲ ପର୍ଯ୍ୟନ୍ତ ଗଭୀର ପ୍ରଚାର ସୁନିଶ୍ଚିତ କରିବା ପାଇଁ, ଗ୍ରାମାଂଚଳରେ ସୂଚନାମୂଳକ ଲିଫଲେଟ୍ ବଂଟନ କରାଯାଇଥିଲା। ଏହା ସହିତ, ୪୦ ରୁ ଅଧିକ ମାଗଣା ମ୍ୟାଲେରିଆ ପରୀକ୍ଷା ଘଟଣାସ୍ଥଳେ କରାଯାଇଥିଲା ଯାହା ସମସ୍ତ ପରୀକ୍ଷା ଫଳାଫଳ ନେଗେଟିଭ୍ ଆସିଥିଲା, ଯାହା ଏହି ଅଂଚଳରେ ନିରନ୍ତର ପ୍ରତିରୋଧକ ହସ୍ତକ୍ଷେପର ପ୍ରଭାବକୁ ପ୍ରତିଫଳିତ କରିଥିଲା।

ଏହି ପଦକ୍ଷେପର ଗୁରୁତ୍ୱ ଉପରେ ଆଲୋକପାତ କରି, ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, 'ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଆମ ପାଇଁ ଏକ ସ୍ଥିର ଧ୍ୟାନ କେନ୍ଦ୍ରିତ କ୍ଷେତ୍ର ହୋଇଛି। ବିଶ୍ୱ ମ୍ୟାଲେରିଆ ଦିବସ ପ୍ରାରମ୍ଭିକ ଚିହ୍ନଟ ଏବଂ ନିବାରଣ ସମ୍ପର୍କରେ ସଚେତନତାକୁ ସୁଦୃଢ଼ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରେ; ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ ଘନିଷ୍ଠ ସମନ୍ୱୟରେ ଆମେ ଯେଉଁ ନିରନ୍ତର ସ୍ୱାସ୍ଥ୍ୟ ପଦକ୍ଷେପ ଗ୍ରହଣ କରୁଛୁ ତାହା ଜାରି ରଖିବା ସହିତ ଆମର ପ୍ରୟାସ ନିୟମିତ ସମ୍ପର୍କ, ବିଶ୍ୱାସ ଏବଂ ବ୍ୟବହାରିକ ଭୂମିଗତ ହସ୍ତକ୍ଷେପରେ ବଦ୍ଧ ଯାହା ସମ୍ପ୍ରଦାୟଗୁଡ଼ିକୁ ସୁସ୍ଥ ଏବଂ ସ୍ଥିର ରହିବାରେ ସାହାଯ୍ୟ କରେ। ଗୁଡିଗାଁର ବାସିନ୍ଦା ନେତାରାଣୀ ବୀରଗାନ୍ଥିଆ କହିଛନ୍ତି, 'ସଚେତନତା ଅଧିବେଶନ ଏବଂ ମାଗଣା ଆମକୁ ଲକ୍ଷଣଗୁଡ଼ିକୁ ଶୀଘ୍ର ବୁଝିବାରେ ଏବଂ ସମୟୋଚିତ ପଦକ୍ଷେପ ନେବାରେ ସାହାଯ୍ୟ କରେ। ଘର ପାଖରେ ଏପରି ସେବା ପାଇବା ଆମ ପରିବାରକୁ ଅଧିକ ଆତ୍ମବିଶ୍ୱାସ ଏବଂ ଆଶ୍ୱାସନା ପ୍ରଦାନ କରେ, ଏବଂ ଆମେ ଏହି କ୍ଷେତ୍ରରେ ବେଦାନ୍ତର ନିରନ୍ତର ପ୍ରୟାସକୁ ପ୍ରଶଂସା କରୁଛୁ। ମ୍ୟାଲେରିଆ ସଚେତନତା ଅଭିଯାନ ଏହାର ଆଖପାଖ ସମ୍ପ୍ରଦାୟ ପାଇଁ ପ୍ରତିରୋଧକ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟସେବା ପାଇଁ ଶେଷ ମାଇଲ ପ୍ରବେଶକୁ ସୁଦୃଢ଼ କରିବା ପାଇଁ ବେଦାନ୍ତ ଆଲୁମିନିୟମର ବ୍ୟାପକ ପ୍ରତିବଦ୍ଧତାର ଏକ ଅଂଶ। ଏହି ପ୍ରୟାସର କେନ୍ଦ୍ରସ୍ଥଳ ହେଉଛି କମ୍ପାନୀର ମୋବାଇଲ୍ ହେଲ୍ଥ ୟୁନିଟ୍ ଯାହା ଜିଲ୍ଲାର ଦୂରଦୂରାନ୍ତ ଗ୍ରାମଗୁଡ଼ିକୁ ଦ୍ୱାରଦେଶ ସ୍ୱାସ୍ଥ୍ୟସେବା ସେବା ପ୍ରଦାନ କରେ। ଗଂଗଟଗୁଡ଼ିକ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା, ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟସେବା, ସଂକ୍ରାମକ ରୋଗର ସ୍କ୍ରିନିଂ ଏବଂ ଅତ୍ୟାବଶ୍ୟକ ଔଷଧ ବଂଟନ ସମେତ ବିଭିନ୍ନ ପ୍ରକାରର ସେବା ପ୍ରଦାନ କରନ୍ତି, ଯାହା ସମ୍ପ୍ରଦାୟର ସଦସ୍ୟଙ୍କ ପାଇଁ ସ୍ୱାସ୍ଥ୍ୟସେବା ପ୍ରବେଶ ପ୍ରତିବନ୍ଧକକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିଥାଏ। ଏହି ମୋବାଇଲ୍ ହସ୍ତକ୍ଷେପଗୁଡ଼ିକ ମ୍ୟାଲେରିଆ, ଡେଙ୍ଗୁ, ଫାଇଲେରିଆ, ଯକ୍ଷ୍ମା, ଏଚଆଇଭି/ଏଡ୍ସ, କୃମିନାଶକ, ପରିଷ୍କାର ପରିଚ୍ଛନ୍ନତା ଏବଂ ପରିମଳ ଅଭ୍ୟାସକୁ ସମ୍ବୋଧିତ କରୁଥିବା ନିର'ର ସମ୍ପ୍ରଦାୟ ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ପରିପୂରକ। ଏହା ସହିତ, ଝାରସୁଗୁଡ଼ା ଏବଂ ଲାଇକେରାରେ ଉନ୍ନତ ରୋଗ ନିର୍ଣ୍ଣୟ ସୁବିଧାଗୁଡ଼ିକ ପ୍ରାରମ୍ଭିକ ରୋଗ ଚିହ୍ନଟ ପାଇଁ ପାଥଲୋଜି ସେବା ପ୍ରଦାନ କରେ, ଯାହା ଯତ୍ନର ଏକ ନିରନ୍ତରତାକୁ ସକ୍ଷମ କରିଛି। ବେଦାନ୍ତ ଆଲୁମିନିୟମର ସମନ୍ୱିତ ସ୍ୱାସ୍ଥ୍ୟସେବା ଇକୋସିଷ୍ଟମ ସ୍ୱାସ୍ଥ୍ୟ ଫଳାଫଳକୁ ଉନ୍ନତ କରିବା, ଦୀର୍ଘକାଳୀନ ସ୍ଥିରତା ନିର୍ମାଣ କରିବା ଏବଂ ଜିଲ୍ଲା ସାରା ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ଏକ ସାମଗ୍ରିକ, ପ୍ରତିରୋଧ ନେତୃତ୍ୱାଧୀନ ପଦ୍ଧତିକୁ ପ୍ରତିଫଳିତ କରେ।

# ଗୋଦରେଜ ପକ୍ଷରୁ ବିନା କୌଣସି ଅତିରିକ୍ତ ଦେୟ ସହ ୫-ବର୍ଷର ବ୍ୟାପକ ୱାରେଣ୍ଟି 'ଗୋଦରେଜ ପ୍ରମିସ୍'ର ଶୁଭାରମ୍ଭ

**ଭୁବନେଶ୍ୱର, ୨୮।୪ (ନି.ପ୍ର) :** ଗ୍ରାହକଙ୍କ ମଧ୍ୟରେ ବିଶ୍ୱାସ ଓ ଭରସା ଗଠନ କରିବା ପାଇଁ ଗୋଦରେଜ ଏଂଟରପ୍ରାଇଜେସ୍ ଗ୍ରୁପ୍‌ର ଗୋଦରେଜ୍ ଆପ୍ଲାଏନ୍‌ସେସ୍ ବ୍ୟବସାୟ ପକ୍ଷରୁ ଗୋଦରେଜ ପ୍ରମିସ୍‌ର ଶୁଭାରମ୍ଭ କରାଯାଇଛି ଯାହା କୌଣସି ଅତିରିକ୍ତ ଦେୟ ବିନା ଏକ ୫ ବର୍ଷର ବ୍ୟାପକ ୱାରେଂଟି ଯାହା ସମସ୍ତ ଆପ୍ଲାଏନ୍‌ସେସ୍ ପୋର୍ଟଫୋଲିଓ ପାଇଁ ଉପଲବ୍ଧ ହୋଇଛି। ଏହା ଜରିଆରେ କମ୍ପାନି ଏକ ଦୃଢ଼ ପୁନଃପ୍ରତିଶ୍ରୁତି ଭାବ ପ୍ରଦାନ କରୁଛି ଯାହା ଗ୍ରାହକମାନଙ୍କୁ ଆପ୍ଲାଏନ୍‌ସେସ୍ କିଣିବା ନିଷ୍ପତିକୁ ବିଶ୍ୱାସନୀୟ କରିବା ସହ ସଶକ୍ତ କରୁଛି। ବର୍ତ୍ତମାନ ସମୟରେ ବିକ୍ରି ପରବର୍ତ୍ତୀ ସେବା ପ୍ରତିଶ୍ରୁତି ଓ ଭରସା ଦ୍ୱାରା କ୍ରୟ ନିଷ୍ପତି ନିର୍ଦ୍ଧାରିତ ହେଉଥିବା ବେଳେ ଏହା ମାଲିକାନା ଅନୁଭୂତିରେ ଅଧିକ ସ୍ୱଚ୍ଛତା ଓ ବିଶ୍ୱାସ ପ୍ରଦାନ କରୁଛି। ସ୍ପ୍ଲିଟ୍ ଏସି ଓ ଇନଭର୍ଟର ୱିଣ୍ଡୋ ଏସିରେ ବର୍ଦ୍ଧିତ ୱାରେଂଟି ସହିତ କମ୍ପାନି ପକ୍ଷରୁ ଗୋଦରେଜ୍ ପ୍ରମିସ୍‌କୁ ରେଫ୍ରିଜରେଟର, ୱାସିଂ ମେସିନ, ଏୟାର କୁଲର, ମାଇକ୍ରୋ ଓଭେନ ଓ ଡିପ ଫ୍ରିଜର ଆଦି ପର୍ଯ୍ୟନ୍ତ ୨୦୨୬ ଏପ୍ରିଲ ୧ରୁ ସମ୍ପ୍ରସାରିତ କରାଯାଇଛି। ଏଥି ପାଇଁ ଏକ ନୂଆ ସମନ୍ୱିତ ଅଭିଯାନର ଶୁଭାରମ୍ଭ କରାଯାଇଛି ଯାହାକୁ ଗ୍ରାହକଙ୍କ ଦୃଢ଼ ମତାମତ ଆଧାରରେ ପ୍ରସ୍ତୁତ କରାଯାଇଛି । ତାହା ହେଉଛି ପ୍ରତିଦିନ ଆମେ ପ୍ରତିଶ୍ରୁତି ଦେଉଥିବା ବେଳେ କ୍ୱଚିତ ଦୃଢ଼ ଉତ୍ତରଦାୟିତ୍ୱ ସହ ତାହା ପୂରଣ କରିପାରୁଛି।

ଏ ସମ୍ପର୍କରେ ଗୋଦରେଜ୍ ଏଂଟରପ୍ରାଇଜ୍ ଗ୍ରୁପ୍‌ର ଆପ୍ଲାଏନ୍‌ସେସ ବ୍ୟବସାୟର ବ୍ୟବସାୟ ମୁଖ୍ୟ କମଳ ନନ୍ଦୀ କହିଛନ୍ତି ଯେ, 'ଗ୍ରାହକଙ୍କ ମଧ୍ୟରେ ଭରସା ଗଠନ କରୁଥିବା ଅନୁଭୂତିକୁ ବଢ଼ାଇବାର ଦର୍ଶନ ସହିତ ଆଗକୁ ବଢ଼ି ଗୋଦରେଜ ପ୍ରମିସ ହେଉଛି ଆମ ଗୁଣାତ୍ମକ ମାନ ଓ ବ୍ରାଣ୍ଡ ବିଶ୍ୱାସର ଦୃଢ଼ତାକୁ ବଜାୟ ରଖିବା ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ। ଆମର ପାଂଚ ବର୍ଷିଆ ବ୍ୟାପକ




ୱାରେଂଟି ହେଉଛି ସମ୍ପୂର୍ଣ୍ଣ ସ୍ୱଚ୍ଛ ଏବଂ ସାରା ପୋର୍ଟଫୋଲିଓ ଉପରେ ଲାଗୁ ହୋଇଥିବା ବେଳେ ସେଥିରେ କୌଣସି ଅତିରିକ୍ତି ଦେୟଯୁକ୍ତ ହେବନାହିଁ। ଦୀର୍ଘସ୍ଥାୟୀ ମୂଲ୍ୟ ଓ ମାନସିକ ଶାନ୍ତି ପ୍ରଦାନ କରିବା ଏବଂ ଭରସାଯୋଗ୍ୟତା ଓ ଗୁଣାତ୍ମକ ମାନରେ ଆମ ଆପ୍ଲାଏନ୍‌ସେସ୍ ଗୁଡ଼ିକୁ ଶିଳ୍ପର ମାନଦଣ୍ଡରେ ପରିଣତ କରିବା ପାଇଁ ଆମ ପ୍ରତିବଦ୍ଧତାକୁ ଏହି ଅଭିଯାନ ପ୍ରତିଫଳିତ କରୁଛି। ଗୋଦରେଜ ଏଂଟରପ୍ରାଇଜେସ୍ ଗ୍ରୁପ୍‌ର ଆପ୍ଲାଏନ୍‌ସେସ୍ ବ୍ୟବସାୟର ସର୍ଭିସ ମୁଖ୍ୟ ଅର୍ନବ ବାଗଚୀ କହିଛନ୍ତି ଯେ, 'ଦୃଢ଼ ସର୍ଭିସ ବିଶ୍ୱସନୀୟତା ସହ ଗୋଦରେଜ ପ୍ରମିସ ଆମ ଉତ୍ପାଦର ଗୁଣାତ୍ମକ ମାନକୁ ପ୍ରତିଫଳିତ କରୁଛି। ୧୨,୦୦୦ ଟଙ୍କା ପର୍ଯ୍ୟ' ମୂଲ୍ୟର ସ୍ୱଚ୍ଛଳ ପାଂଚ ବର୍ଷର ବ୍ୟାପକ ୱାରେଂଟିକୁ ଆମ ଗ୍ରାହକମାନେ ଏବେ ଉପଭୋଗ କରିପାରିବେ। ଗୋଦରେଜର ପାଂଚ ବର୍ଷିଆ ୱାରେଂଟି ପ୍ୟାକେଜରେ ଏସି, ରେଫ୍ରିଜରେଟର ଓ ଡିପ ଫ୍ରିଜରରେ ଗ୍ୟାସ ରିଚାର୍ଜ କରିବା, ଟେକ୍ନିସିଆନ ପରିଦର୍ଶନ ଆଦି ସୁବିଧା ରହିଛି। ଏହି ଅଫର୍ ଏୟାର୍ କୁଲରରେ ୪୦୦୦ ଟଙ୍କା ପର୍ଯ୍ୟନ୍ତ ଓ ପ୍ରିମିୟମ ରେଫ୍ରିଜରେଟର ପାଇଁ ୧୨,୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି।

# ଜଗତସିଂହପୁର ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ (ଦିଶା)କମିଟି ବୈଠକ

**ଜଗତସିଂହପୁର,୨୮।୪ (ନି.ପ୍ର):** ଆଜି ଜଗତସିଂହପୁର ଜିଲ୍ଲା ସ୍ତରୀୟ ଉନ୍ନୟନ ସମନ୍ୱୟ ଓ ତଦାରଖ (ଦିଶା)କମିଟିର ସପ୍ତମ ବୈଠକ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଜଗତସିଂହପୁରର ଲୋକସଭା ସାଂସଦ ତଥା ଜିଲ୍ଲା ଦିଶା କମିଟିର ଅଧ୍ୟକ୍ଷ ଶ୍ରୀ ବିଭୁପ୍ରସାଦ ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକର ପ୍ରାରମ୍ଭ ରେ ସାଂସଦ ଶ୍ରୀ ବିଭୁପ୍ରସାଦ ତରାଇ ସମସ୍ତଙ୍କୁ ସ୍ୱାଗତ ଜଣାଇ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ସହାୟତାରେ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଜନକଲ୍ୟାଣ ମୂଳକ କାର୍ଯ୍ୟକ୍ରମ ଗୁଡିକର ସଫଳ ରୂପାୟନ ଓ କାର୍ଯ୍ୟାନ୍ୱୟନ ପାଇଁ ଜିଲ୍ଲା ସ୍ତରୀୟ ଜିଲ୍ଲା ଦିଶା କମିଟିର ସମସ୍ତ ଲୋକପ୍ରତିନିଧି ସଭ୍ୟ/ସଭ୍ୟା ଏବଂ ସମ୍ପୃକ୍ତ ବିଭାଗର ଅଧିକାରୀଗଣ ଙ୍କ ସକ୍ରିୟ ଅଂଶ ଗ୍ରହଣ ର ଆବଶ୍ୟକତା ରହିଛି ବୋଲି ପରାମର୍ଶ ଦେଇଥିଲେ । ଏହି ବୈଠକରେ ବାଲିକୁଦା ଏରସମା ବିଧାୟକ ଶ୍ରୀ ସାରଦା ପ୍ରସନ୍ନ ଜେନା, ତିର୍ତ୍ତୋଲ ବିଧାୟକ ଶ୍ରୀ ରମାକାନ୍ତ ଭୋଇ, ଜିଲ୍ଲା



ପରିଷଦ ସଭାପତି ଶ୍ରୀ ମନୋଜ କୁମାରଭୋଇ,ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଅର୍ଚ୍ଚନା ସିଂହ ପ୍ରମୁଖ ଉପସ୍ଥିତ ରହି ଜନ ପ୍ରତିନିଧି ଓ ପ୍ରାଶାସନିକ ସହଯୋଗ ଓ ଆଲୋଚନା ରେ ସରକାର ଙ୍କ ଉନ୍ନୟନ ମୂଳକ କାର୍ଯ୍ୟ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ମତ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ବୈଠକରେ ଉପସ୍ଥିତ ରହି ଆଲୋଚନା ଓ ପରିଦର୍ଶନ ଦ୍ୱାରା ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି କହିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଅକ୍ଷୟ ପିଲେ ମଧ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର ସରକାରଙ୍କ ଯୋଜନା ଅନ୍ତର୍ଭୁକ୍ତ ପ୍ରଧାନ ମନ୍ତ୍ରୀ ଗ୍ରାମ ସଡକ ଯୋଜନା,ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପାନୀୟ ଜଳ ଯୋଜନା ଅନ୍ତର୍ଗତ ଜଳ ଜୀବନ ମିଶନ, ଜାତୀୟ ରାଜପଥ ଭିତ୍ତି ଭୂମି ବିକାଶ, ସମନ୍ୱିତ ଶିଶୁବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ମୃତ୍ତିକା ହେଲଥ କାର୍ଡ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, କୃଷି ଓ କୃଷକ ସଶକ୍ତିକରଣ,ସ୍ୱଚ୍ଛ ଭାରତ ଅଭିଯାନ,ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନା, କାମଧେନୁ ଯୋଜନା,ପି ଏମ୍ ସ୍ୱନିଧି, ଜାତୀୟ ସ୍ୱାସ୍ଥ୍ୟ ମିଶନ, ବିଦ୍ୟୁତ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ପ୍ରାଣୀ ସମ୍ପଦ ବିଭାଗର ଯୋଜନା ଇତ୍ୟାଦି ବିଭିନ୍ନ କେନ୍ଦ୍ରୀୟ ଜନକଲ୍ୟାଣ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ପୂର୍ବକ ସମୀକ୍ଷା କରାଯାଇଥିଲା ।

# ଯୁବ ପିଢି ମୁଖ ସ୍ୱାସ୍ଥ୍ୟ ପ୍ରତି ସଠିକ୍ ଧାରଣା ଗଢ଼ି ତୋଳିବା ଆବଶ୍ୟକ: ଡାକ୍ତର ସୋନିଆ ଦତ୍ତ

**ଭୁବନେଶ୍ୱର, ୨୮।୪ (ନି.ପ୍ର) :** ଆଜିକାଲି ସେଲ୍ଫି ଓ ସାମାଜିକ ଗଣ ମାଧ୍ୟମର ପ୍ରଭାବରେ ଯୁବ ପିଢି ନିଜର ଦେଖାଶୁଣା ଉପରେ ବହୁତ ଧ୍ୟାନ ଦେଉଛନ୍ତି। କିନ୍ତୁ ଦାନ୍ତ ବିଶେଷଜ୍ଞମାନଙ୍କ କହିବା ଅନୁସାରେ, ଏହାରେ ମୁଖ ସ୍ୱାସ୍ଥ୍ୟ ସମ୍ପର୍କରେ ଭୁଲ ଧାରଣା ହେଉଛି। ସାମାଜିକ ମାଧ୍ୟମରେ ଦାନ୍ତ ସଫା କରିବା ଓ ମୁଖର ଗନ୍ଧ ଦୂର କରିବାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ପ୍ରକୃତରେ ଦାନ୍ତର ସମସ୍ୟାର ମୂଳ କାରଣ ହେଉଛି ଜୀବାଣୁ ଓ ପ୍ଲାକ୍, ଯାହା ଦୀର୍ଘ ସମୟରେ ଦାନ୍ତକୁ କ୍ଷତି କରେ। ଏନେଇ ଡାକ୍ତର ସୋନିଆ ଦତ୍ତ କହିଛନ୍ତି, 'ମୁଖ ସ୍ୱାସ୍ଥ୍ୟ କେବଳ ବାହାରୁ ସୁନ୍ଦର ଦେଖାଯିବା ନୁହେଁ। ଜୀବାଣୁ ଓ ପ୍ଲାକ୍ ଦାନ୍ତକୁ ଧୀରେ ଧୀରେ ନଷ୍ଟ କରେ। ସେଥିପାଇଁ ମୂଳ ସମସ୍ୟାକୁ ଧ୍ୟାନ ଦେବା ଆବଶ୍ୟକ। ଏହି ପ୍ରାକୃତିକ ଉପାଦାନଗୁଡ଼ିକୁ ବୈଜ୍ଞାନିକ ଭାବେ ସମନ୍ୱୟ କରି ଡାବର ରେଡ୍ ପେଷ୍ଟ ପ୍ରସ୍ତୁତ କରାଯାଇଛି। ଏହି ଉତ୍ପାଦକୁ ଭାରତୀୟ ଦନ୍ତ ଚିକିତ୍ସା ସଂଘର ଅନୁମୋଦନ ମୋହର ମିଳିଛି, ଯାହା




ପ୍ରାଚୀନ ଜ୍ଞାନ ଓ ଆଧୁନିକ ଦ'ଚିକିତ୍ସାର କଠୋର ମାନଦଣ୍ଡ ମଧ୍ୟରେ ଏକ ସେତୁ ସୃଷ୍ଟି କରିଛି। ସେ କହିଛନ୍ତି ଯେ, ପୁରୁଣା ଆୟୁର୍ବେଦିକ ଉପାଦାନମାନେ ଆଜି ମଧ୍ୟ ଉପକାରୀ। ଲବଙ୍ଗ ଜୀବାଣୁକୁ ଦମନ କରେ, ନିମ୍ ଦାନ୍ତ ଓ ମାଢ଼ିକୁ ସୁସ୍ଥ ରଖେ, ଏବଂ ପୁଦୀନା ମୁଖକୁ ସତେଜ ରଖେ। ଏହି ସମସ୍ତ ଉପାଦାନକୁ ମିଶାଇ ଏକ ଦାନ୍ତମନ ତିଆରି କରାଯାଇଛି, ଯାହାକୁ ଭାରତୀୟ ଦାନ୍ତ ଚିକିତ୍ସା ସଂଘ ମନ୍ୟତା ଦେଇଛି। ଦାନ୍ତ ବିଶେଷଜ୍ଞମାନେ ନିୟମିତ ଅଭ୍ୟାସ ଉପରେ ଜୋର ଦେଇଛନ୍ତି। ଦିନକୁ ଦୁଇଥର ଦାନ୍ତ ଘଷିବା, ଭଲଭାବେ ପରିଷ୍କାର କରିବା, ଦାନ୍ତସୂତ୍ର ବ୍ୟବହାର କରିବା, ଜିଭ୍ ସଫା ରଖିବା ଓ ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ମୁଖ ସ୍ୱାସ୍ଥ୍ୟ ଭଲ ରହେ। ସେମାନଙ୍କ ମତରେ, ମୁଖ ସ୍ୱାସ୍ଥ୍ୟ କୌଣସି ତୁରନ୍ତ ଫଳ ଦେବା ବିଷୟ ନୁହେଁ। ଏହା ପାଇଁ ନିୟମିତ ଯତ୍ନ ଓ ସମୟ ସମୟରେ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।

# ଆଇଆଇଏମଟିରେ ତିନି ଦିନିଆ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଭୁବନେଶ୍ୱର, ୨୮।୪ (ନି.ପ୍ର) :** ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ୍ ଟେକ୍ନୋଲୋଜି (ଆଇଆଇଏମଟି), ଭୁବନେଶ୍ୱର ସାର୍ବଜନୀନ ମାନବ ମୂଲ୍ୟବୋଧ ପାଇଁ ସମ୍ଭାବ୍ୟ ନୋଡାଲ ସେଣ୍ଟର ସାର୍ଟିଫିକେଟ୍ ହାସଲ କରିଛି। ଅଧ୍ୟକ୍ଷ ପ୍ରଫେସର ଡ. ଶ୍ରୀକାନ୍ତ ପଟ୍ଟନାୟକଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଏବଂ ନିର୍ଦ୍ଦେଶକ ପ୍ରଫେସର ଡ. ଜୟଦେବ କରଙ୍କ ମାର୍ଗଦର୍ଶନରେ ଏହି ମାନ୍ୟତା ଶିକ୍ଷାଗତ ଢାଞ୍ଚା ମଧ୍ୟରେ ନୀତିଶାସ୍ତ୍ର, ମାନବ ମୂଲ୍ୟବୋଧ ଏବଂ ସାମଗ୍ରିକ ଶିକ୍ଷାକୁ ସମନ୍ୱିତ କରିବା ପାଇଁ ପ୍ରତିଷ୍ଠାନର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହି ଦୃଷ୍ଟିକୋଣକୁ ଆଗକୁ ବଢାଇବା ପାଇଁ, ଆଇଆଇଏମଟି ଏପ୍ରିଲ ୨୪ ରୁ ଏପ୍ରିଲ ୨୬ ପର୍ଯ୍ୟନ୍ତ ଏଆଇସିଟିଇ -ଅନୁମୋଦିତ ତିନି ଦିନିଆ ୟୁନିଭରସାଲ୍ ହ୍ୟୁମାନ୍ ମୂଲ୍ୟ (ୟୁଏଚଭି-ପରିଚୟ) ଉପରେ ଏକ ତିନି



ଦିନିଆ ଫ୍ୟାକଲ୍ଟି ଡେଭଲପମେଣ୍ଟ ପ୍ରୋଗ୍ରାମ (ଏଫଡିପି) ସଫଳତାର ସହିତ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମଟି ମୂଲ୍ୟବୋଧ ଆଧାରିତ ଜୀବନଯାପନ, ଶିକ୍ଷାଦାନ ଏବଂ ବୃତ୍ତିଗତ ଅଭ୍ୟାସରେ ଏହାର ଅର୍ଥପୂର୍ଣ୍ଣ ସମନ୍ୱୟ ପ୍ରତି ଶିକ୍ଷକମାନଙ୍କୁ ସଚେତନ କରିବା ପାଇଁ ଚିନ୍ତନମୂଳକ ଭାବରେ ଡିଜାଇନ୍ କରାଯାଇଥିଲା। କାର୍ଯ୍ୟକ୍ରମ ଏକ ଉଦଘାଟନୀ ଅଧିବେଶନ ସହିତ ଆରମ୍ଭ ହୋଇଥିଲା। ଏହା ପରେ ସାମଗ୍ରିକ ବିକାଶରେ ଶିକ୍ଷାର ଭୂମିକା ଉପରେ ଆଲୋଚନା ହୋଇଥିଲା। ଯେଉଁଥିରେ ସତ୍ୟ, ଶିକ୍ଷା, ବୌଦ୍ଧିକ, ଭାବପ୍ରବଣ ଏବଂ ନୈତିକ ଦିଗକୁ ପୋଷଣ କରିବା ଆବଶ୍ୟକ ବୋଲି ଗୁରୁତ୍ୱ ଦିଆଯାଇଥିଲା। ମୂଲ୍ୟ ଶିକ୍ଷା ପ୍ରକ୍ରିୟା ଉପରେ ଅଧିବେଶନ ଶିକ୍ଷାଶାସ୍ତ୍ରରେ ମୂଲ୍ୟବୋଧକୁ ସନ୍ନିବେଶ କରିବା ପାଇଁ ଏକ ସଂରଚିତ ପଦ୍ଧତି ପ୍ରଦାନ କରିଥିଲା। ଦ୍ୱିତୀୟ ଦିନ ଜୀବନର ବ୍ୟବହାରିକ ଦିଗ ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା, ଯେଉଁଥିରେ ସମୃଦ୍ଧି , ସ୍ୱାସ୍ଥ୍ୟ ଏବଂ ପରିବାରରେ ସମନ୍ୱୟ ଅନ୍ତର୍ଭୁକ୍ତ ଥିଲା। ଯାହା ସମ୍ପର୍କକୁ ସୁଦୃଢ଼ କରିବାରେ ବିଶ୍ୱାସ, ସମ୍ମାନ ଏବଂ ଭାବପ୍ରବଣ ବୁଝାମଣାର ଗୁରୁତ୍ୱକୁ ଆଲୋକପାତ କରିଥିଲା। 'ରାଇଟ୍ ହିଅର୍ ରାଇଟ୍ ନାଓ' ବିଷୟବସ୍ତୁ ସଚେତନତା ଏବଂ ସଚେତନ ଜୀବନକୁ ସୁଦୃଢ଼ କରିଥିଲା। ଶେଷ ଦିନରେ ସମାଜରେ ସମନ୍ୱୟ ଏବଂ ପ୍ରକୃତିରେ ସମନ୍ୱୟ ଉପରେ ଅଧିବେଶନ, ସାମାଜିକ ଦାୟିତ୍ୱ ଓ ସ୍ଥାୟୀ ସହାବସ୍ଥାନ ପ୍ରତି ଦୃଷ୍ଟିକୋଣକୁ ବ୍ୟାପକ କରିଥିଲା। କାର୍ଯ୍ୟକ୍ରମରେ ଦିଲ୍ଲୀପ ଦେବନାଥ, ରବିନ୍ଦ୍ର କୃଷ୍ଣଙ୍କ ଦ୍ୱାରା ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଅଧିବେଶନ ପ୍ରଦର୍ଶିତ ହୋଇଥିଲା।



# ଭାରସାମ୍ୟ ହରାଇ ଓଲଟିଲା ଯାତ୍ରୀବାହି ବସ : ୨୬ ଆହତ



ନୟାଗଡ଼, ୨୮/୪(ମନ୍ଥନ ) ନୟାଗଡ଼ ବାଲୁଗାଁ ଖେଡ଼ପଡ଼ା ନିକଟରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ରାକମା ରୁ ୪୦ ରୁ ଉର୍ଦ୍ଧ ଯାତ୍ରୀଙ୍କୁ ନେଇ ନୟାଗଡ଼ ଆସୁଥିବା ବେବି ନାମକ ବସଟି ସକାଳ ୮. ୩୦ମିନିଟି ସମୟରେ ନୟାଗଡ଼ ବାଲୁଗାଁ ନିକଟବର୍ତ୍ତୀ ଖେଡ଼ପଡ଼ା ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ପ୍ରାୟ ୨୬ ଜଣ ଯାତ୍ରୀ ଆହତ ହୋଇଥିବା ସୂଚନା ମିଳିଛି ।ଆହତ ମାନେ ଗ୍ରାମବାସୀଙ୍କ ସହାୟତାରେ ଉଦ୍ଧାର କରାଯାଇ ନୟାଗଡ଼ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି ।୨୬ ଜଣ ଆହତଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି ।ଉକ୍ତ ଗାଡ଼ିରେ ଆସୁଥିବା ଯାତ୍ରୀଙ୍କ ସୂଚନା ମୁତାବକ ଗାଡିଟି ରାକମା ରୁ ନୟାଗଡ଼ ଅଭିମୁଖେ ପ୍ରାୟ ୫୦ ଜଣ ଯାତ୍ରୀଙ୍କୁ ନେଇ ଆସୁଥିବା ବେଳେ ଡ୍ରାଇଭର ନିଶାସକ୍ତ ହୋଇ ଦ୍ରୁତଗତିରେ ଗାଡି ଚାଳନା ଏବଂ ମହିଳାଙ୍କ ସହ କଥାବାର୍ତା ହେବା ଫଳରେ ଗାଡିଟି ନିୟନ୍ତ୍ରଣ ହରାଇ ଓଲଟି ପଡିଥିଲା ।

# ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ ଦାବି : ସମନ୍ୱୟ ସମିତି

ଭୁବନେଶ୍ୱର, ୨୮/୦୪ (ନି.ପ୍ର): ଦୀର୍ଘ ଦିନଧରି ଅବହେଳିତ, ନିଷ୍ପେସିତ ଓ ନିଜର ହକ୍ ପାଇବାରୁ ବଞ୍ଚିତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନଙ୍କର ସମସ୍ୟା ସରକାର ତୁରନ୍ତ ସମାଧାନ କରନ୍ତୁ ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆବାହକ ରନ କୁମାର ଦାଶ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି ।

ସୂଚନାଥାଉକି, ରାଜ୍ୟ ସରକାର ଆସିବାର ଦୁଇବର୍ଷର ଅବଧି ସମାପ୍ତି ଅବସରରେ ଅନେକ ବର୍ଗର ସମସ୍ୟାକୁ ସମାଧାନ କରିବା ଦିଗରେ ଯଥେଷ୍ଟ ପଦକ୍ଷେପ ନେଉଛନ୍ତି ।ସମସ୍ୟା ଜର୍ଜରିତ, ଦୀର୍ଘଦିନରୁ ଅବହେଳିତ, ନିଷ୍ପେଷିତ ଓ ଅଭାବନୀୟ ପରିସ୍ଥିତିରେ କାଳାତିପାତ କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନେ କେବେ କୌଣସି କଥା ସରକାରଙ୍କ ନିକଟରେ ଅଳି ନକରି ଶିକ୍ଷାଦାନ କରି ପିଲାମାନଙ୍କର ଭବିଷ୍ୟତକୁ ଗଢ଼ି ତୋଳିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି । ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ କାଳ ଅବୈତନିକ ଭାବରେ ନିଜର ପରିବାରକୁ ଓ ନିଜକୁ ଜଳାଳି ଦେଇ ପ୍ରତିବର୍ଷ ସେମାନଙ୍କର ବିଦ୍ୟାଳୟର ପିଲାମାନଙ୍କ ଉଦ୍ଦେଶ୍ୟରେ ସମୟ ଅତିବାହିତ କରୁଛନ୍ତି । କିନ୍ତୁ ତାର ପ୍ରତିଦାନରେ ସେମାନେ ପାଇଛନ୍ତି ଲାଞ୍ଛନା, ଭର୍ତ୍ସନା ଓ ଅନ୍ୟକିଛି । ସେହି ଶିକ୍ଷକ ଶିକ୍ଷୟିତ୍ରୀମାନେ ବାପା ମାଆଙ୍କର ଭଲ ପୁଅ ବା ଝିଅ, ନିଜ ପିଲାର ଭଲ ବାପା କିମ୍ବା ମାଆଟିଏ ହୋଇପାରି ନାହାଁନ୍ତି । ବିଦ୍ୟାଳୟରେ ପିଲାମାନଙ୍କୁ ପଢ଼ାଇବାପାଇଁ ମଧ୍ୟ ଅନବରତ ସଂଗ୍ରାମ ଜାରି ରଖିଛନ୍ତି କାରଣ ଏହି ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ ପଢ଼ୁଥିବା ପିଲାମାନେ ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବାରୁ ସେମାନଙ୍କ ପକେଟରୁ ଅର୍ଥରାଶି ଦେଇ ନିଜକୁ ଓ ବିଦ୍ୟାଳୟକୁ ବଞ୍ଚାଇବା ପାଇଁ ସଂଘର୍ଷ ଜାରି ରଖିଛନ୍ତି । ଏହି ସଂଘର୍ଷର ଅନ୍ତ କେବେ ଘଟିବ ତା ମଧ୍ୟ ସନ୍ଦିହାନ ଭିତରେ ।ଅନେକ ଶିକ୍ଷକ ଶିକ୍ଷୟିତ୍ରୀମାନେ ସରକାରୀ ସାହାଯ୍ୟ ନପାଇ ମୃତ୍ୟୁବରଣ କରିଛନ୍ତି ଓ ଶୂନ୍ୟ ହସ୍ତରେ ଅବସର ନେଇଛନ୍ତି ।ସେମାନେ ତାଙ୍କର ପିଲାମାନଙ୍କୁ ମଧ୍ୟ ଭଲ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପଢ଼ାଇବା ଓ ଚାକିରି କରାଇବା ଅତ୍ୟନ୍ତ କଷ୍ଟକର ହୋଇ ପଡ଼ିଛି ।ଆଗାମୀ ଦିନରେ ଯଦି ସରକାର ଏହି ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକୁ ଅନୁଦାନ ପ୍ରଦାନ ନକରନ୍ତି ତାହେଲେ ଜନସାଧାରଣ ଗଢ଼ି ତୋଳିଥିବା ସେହି ଅନୁଷ୍ଠାନ ଗୁଡ଼ିକ ଅଚିରେ ଭାଙ୍ଗିଯିବ ।

ସେହିପରି ଭାବରେ ଦୀର୍ଘ ୩୦ ରୁ ୩୫ ବର୍ଷ ଧରି ସେବା ଯୋଗାଇ ଆସୁଥିବା ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକର ଶିକ୍ଷକ/ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନେ ସ୍ୱଳ୍ପ ପାରିଶ୍ରମିକରେ ଶିକ୍ଷାଦାନ କରି ଆସୁଛନ୍ତି । ସରକାରଙ୍କର ନୀତି ନିୟମ ଅନୁଯାୟୀ ସମସ୍ତ ମାନଦଣ୍ଡ ପୂରଣ କରିଥିଲେ ମଧ୍ୟ ସେମାନଙ୍କୁ ସମସ୍ତ ସରକାରୀ ସୁବିଧା ଅଦ୍ୟାବଧି ମିଳି ନାହିଁ । ସମାନ କାମକୁ ସମାନ ଦରମା ଦେବା ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ରହିଥିଲେ ମଧ୍ୟ ତାହା ଏମାନଙ୍କ ପାଇଁ କାର୍ଯ୍ୟକାରୀ ହୋଇ ନାହିଁ । ଏହି ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରୁ ପ୍ରାୟ ଛଅ ହଜାର ପାଖାପାଖି ଶିକ୍ଷକ/ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀ ଅବସର ନେଇଗଲେଣି କିମ୍ବା ମୃତ୍ୟୁବରଣ କରିଛନ୍ତି । ୨୦୧୭ ମସିହାରେ ପ୍ରାକ୍ତନ ସରକାର ତା୦୧.୦୧.୨୦୧୮ରିଖରେ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପାଇଁ ଲାଗୁ କରିଥିବା ଐତିହାସିକ ଅନୁଦାନରେ ଚାକିରି ସର୍ତ୍ତାବଳୀ, ପେନସନ୍ ଓ ଅବସରକାଳୀନ ସୁବିଧାର ବ୍ୟବସ୍ଥା ନଥିଲା ଯାହା ଫଳରେ କି ଏହି ବର୍ଗର ଶିକ୍ଷକ କର୍ମଚାରୀମାନେ ଅବସର ପରେ ଏକ ଟଙ୍କା ମଧ୍ୟ ପାଉନାହାଁନ୍ତି । ସେମାନଙ୍କର ଅବସର ପରର ଜୀବନ ଦୁର୍ବିସହ, ନିଷ୍ପେଷିତ ଓ ଅହେଳିତ ଅବସ୍ଥାରେ ଗତି କରୁଛି ଏବଂ ପରିବାରକୁ ଚଳାଇବା ମଧ୍ୟ ସେମାନଙ୍କ ପକ୍ଷରେ କଷ୍ଟକର ହୋଇପଡୁଛି । ଅବସର ପରେ ସେମାନେ ପାନଦୋକାନ ବା ଚାହା ଦୋକାନ କିମ୍ବା କେଉଁ ଯାଗାରେ ମୂଲ ଲାଗି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି । ତେଣୁ ବର୍ତ୍ତମାନର ସରକାର ବିରୋଧି ଦଳରେ ଥିବାବେଳେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ 'ଆମ ସରକାର ଆସିଲେ ଆମେ ସବୁ ବର୍ଗର ଶିକ୍ଷକମାନଙ୍କର ସମସ୍ୟାକୁ ସମାଧାନ କରିବୁ, ଅନୁଦାନ ପାଉ ନଥିବା ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବୁ ଓ ପେନସନ ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବୁ ।' ଏହି ଦାବିଗୁଡ଼ିକ ସରକାରଙ୍କର ସକ୍ରିୟ ବିଚାରାଧୀନ ରହିଛି । ସରକାର ଗଠନ କରିଥିବା କମିଟି ଏ ଦିଗରେ ତୁରନ୍ତ ପଦକ୍ଷେପ ନେଉଛନ୍ତି କିନ୍ତୁ ଅନୁଦାନ ଓ ପେନସନ ସମ୍ପର୍କରେ ସରକାର ବିଧିବଦ୍ଧ ନିଷ୍ପତ୍ତି ଘୋଷଣା କରି ନାହାଁନ୍ତି । ସୁପ୍ରିମ୍ କୋର୍ଟରେ ରାୟ ପ୍ରକାଶ ପାଇବା ପରେ ୧୯୯୪ ନିୟମ ଅନୁଯାୟୀ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଅନୁଦାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ତାହା ଏ ପର୍ଯ୍ୟ' ମଧ୍ୟ କାର୍ଯ୍ୟକାରୀ ହୋଇ ନାହିଁ । ୧୯୮୧ ପେନସନ୍ ରୁଲ ଅନୁଯାୟୀ ସେମାନଙ୍କୁ ପେନସନ ଦେବା ପାଇଁ ହାଇକୋର୍ଟର ସିଙ୍ଗିଲ ବେଞ୍ଚରେ ରାୟ ପ୍ରକାଶ ପାଇସାରିଛି । ବର୍ତ୍ତମାନ ତାହା ଡବଲ ବେଞ୍ଚରେ ବିଚାରାଧୀନ ରହିଛି । ତେଣୁ ସରକାର ଆଉ କାଳ ବିଳମ୍ବ ନକରି ଏହି ଅବସର ନେଇଥିବା ଓ ନେବାକୁ ଥିବା ଶିକ୍ଷକ, ଶିକ୍ଷାକର୍ମଚାରୀମାନଙ୍କ ପାଇଁ ଯଥାଶୀଘ୍ର ଚାକିରି ସର୍ତ୍ତାବଳୀ, ପେନସନ୍ ଓ ଅବସରକାଳୀନ ସୁବିଧା ଯୋଗାଇ ଦେବା, ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ତୁରନ୍ତ ଅନୁଦାନ ପ୍ରଦାନ କରିବା ଏବଂ ସେହି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସମସ୍ତ ସରକାରୀ ସୁବିଧା ପ୍ରଦାନ କରିବା ପାଇଁ ସମନ୍ୱୟ ସମିତି ପକ୍ଷରୁ ଦାବି କରାଯାଉଛି ।

ଏହି ବିଦ୍ୟାଳୟ ମାନଙ୍କରେ ଶୂନ୍ୟ ପଡ଼ିଥିବା ପଦବୀଗୁଡ଼ିକରେ ଶିକ୍ଷକ ନିଯୁକ୍ତି ପାଇଁ ତୁରନ୍ତ ପଦକ୍ଷେପ ନେଇ ଏ ବିଦ୍ୟାଳୟ ଗୁଡ଼ିକୁ ଚଳାଇ ରଖିବାର ପ୍ରୟାସ କରିବା ସହ ଶିକ୍ଷକମାନଙ୍କର ଗ୍ରେଡ଼ ପେ ରେ ଥିବା ଅସଙ୍ଗତି ଦୂର କରିବା ଏବଂ ସବୁ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ କରି ସରକାର ଏକ ଐତିହାସିକ ପଦକ୍ଷେପ ନିଅନ୍ତୁ । ଯଦି ଏହିସବୁ ସମସ୍ୟା ଉପରେ ସରକାର କୌଣସି ଠୋସ୍ ପଦକ୍ଷେପ ଗ୍ରହଣ ନକରନ୍ତି ତେବେ ଆଗାମୀ ଦିନରେ ଶିକ୍ଷକ କର୍ମଚାରୀମାନେ ରାଜରାସ୍ତାକୁ ଓହ୍ଲାଇବେ ଏବଂ ଏଥିପାଇଁ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେ ନିମନ୍ତେ ସରକାର ଦାୟୀ ରହିବେ ବୋଲି ସମନ୍ୱୟ ସମିତି ପକ୍ଷରୁ ଆବାହକ ରନ କୁମାର ଦାଶଙ୍କ ସମେତ ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ରନ କୁମାର ପଣ୍ଡା, ଏମ୍.ଏ.କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାସ, ରାଜା ଓ୍ୱସିମ୍, ନୀଳମଣି ପୁରୋହିତ, ବ୍ରଜ କିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ମାଣିକେଶ୍ୱର ସ୍ୱାଇଁ, ରମାକାନ୍ତ ମହାପାତ୍ର, ପ୍ରଦୀପ କୁମାର ମଙ୍ଗରାଜ, ନବକୁମାର ପଣ୍ଡା, ଗଦାଧର ଶତପଥି, ରମାକାନ୍ତ ଲେଙ୍କା ଏବଂ ମଧୁସୂଦନ ଦେ ପ୍ରମୁଖ ଦୃଢ଼ ଚେତାବନୀ ଦେଇଛନ୍ତି ।

# ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ମଧୁବାବୁ ଜୟନ୍ତୀ ପାଳିତ



ଜଳେଶ୍ୱର,୨୮/୪-(ନିପ୍ର):ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ମଧୁବାବୁଙ୍କ ୧୭୯ ତମ ଜୟନ୍ତୀ ପିଏମଶ୍ରୀ ଜଳେଶ୍ୱର ହାଇସ୍କୁଲ ପରିସରରେ ପୂର୍ବାହ୍ନରେ ପାଳିତ ହୋଇ ଯାଇଛି । ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖାର ସଭାପତି ତଥା ବରିଷ୍ଠ ସମାଜସେବୀ କମଳ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଉତ୍କଳ ସମ୍ମିଳନୀର ସମ୍ପାଦକ ତଥା ପୂର୍ବତନ ପ୍ରଧାନ ଶିକ୍ଷକ ସୁନିଲ କୁମାର ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ଲଳିତ ରଞ୍ଜନ ସେନାପତି,ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ଜିତାରାମ ଦେ,ଡ. ପ୍ରଫୁଲ୍ଲ କୁମାର ଦେ, ଡକ୍ଟର ରମାକାନ୍ତ ଭଞ୍ଜ ଓ ସୁଧୀର କୁମାର କର, ପିଏମଶ୍ରୀ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୂର୍ଯ୍ୟକାନ୍ତ ଜେନା, ବିଦ୍ୟାଳୟ କମିଟି ସଭାପତି ଜୟ ନାରାୟଣ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡକ୍ଟର ଅଜିତ କୁମାର ମହାନ୍ତି, ଓଡିଶା ଉଚ୍ଚ ନ୍ୟାୟଳୟର ବରିଷ୍ଠ ଆଇନଜିବୀ ରାମଚନ୍ଦ୍ର ଜେନା ଓ ସୁକୁମାର ରଣା, ଅବସରପ୍ରାପ୍ତ ପ୍ରଫେସର ଇ. ରତ୍ନାକର ରାୟ,ସମାଜସେବୀ ଦିଲ୍ଲୀପ କୁମାର ଗିରି, ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, କୋଷାଧ୍ୟକ୍ଷ ରବିନ୍ଦ୍ର ନାଥ ବାରିକ ପ୍ରମୁଖ ଅତିଥି ମାନେ ଉପସ୍ଥିତ ରହି ମଧୁବାବୁଙ୍କ ଜୀବନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ।ସଭା ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ସହକାରୀ ଶିକ୍ଷୟତ୍ରୀ ସୁଶ୍ରୀ ସବିତା ପାଠୀଙ୍କ ସହିତ ପିଲାମାନେ ଗାନ କରିଥିବା ବେଳେ ସହକାରୀ ଶିକ୍ଷକ ରାଧାଗୋବିନ୍ଦ ଜେନା ଓ ସହକାରୀ ଶିକ୍ଷୟତ୍ରୀ ସୁଶ୍ରୀ ସବିତା ପାଠୀ ମିଳିତ ଭାବେ ମଞ୍ଚ ଆହ୍ୱାନ କରିଥିଲେ ।ଶେଷରେ ଆଇନଜିବୀ ଅଶୋକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।ପରେ ୨୦ ଜଣ ପିଲାଙ୍କ ମଧ୍ୟରେ ମଧୁବାବୁଙ୍କ ଜୀବନୀ ଉପରେ ବକ୍ତୃତା ପ୍ରତିଯୋଗିତା ହୋଇ ସେମାନଙ୍କ ମଧ୍ୟରୁ ନବମ ଶ୍ରେଣୀ ଛାତ୍ରୀ ନମିତା ଦାସ ପ୍ରଥମ, ସପ୍ତମ ଶ୍ରେଣୀ ଛାତ୍ରୀ ଅଭିଲିପ୍ସା ସାହୁ ଦ୍ୱିତୀୟ, ଷଷ୍ଠ ଶ୍ରେଣୀ ଛାତ୍ରୀ ଦିବ୍ୟାଶା ପାଠୀ ତୃତୀୟ ସ୍ଥାନ ଗ୍ରହଣ କରି ସେମାନଙ୍କୁ ପୁରସ୍କାର ସହିତ ମଧୁବାବୁ ଜୀବନୀ ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରା ଯାଇଥିଲା ।ଅନ୍ୟ ୧୭ ଜଣ ପ୍ରତିଯୋଗୀଙ୍କୁ ମଧୁବାବୁ ଜୀବନୀ ପୁସ୍ତକ ପ୍ରଦାନ କରା ଯାଇଥିଲା ।ଉକ୍ତ ପ୍ରତିଯୋଗିତାରେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କପିଳେଶ୍ୱର ମହାନ୍ତି ଓ ବନମାଳୀ ଧଳ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରାଣକୃଷ୍ଣ ଗିରି ପ୍ରମୁଖ ବିଚାରକ ଭାବେ ଉପସ୍ଥିତ ରହି ଚୟନ କରିଥିଲେ ।ସଭା ପ୍ରାରମ୍ଭରେ ସକାଳ ୭ ଘଟିକା ସମୟରେ ଜଳେଶ୍ୱର ପୁରୁଣା କୋର୍ଟ ପାଖରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ସମୂହ ମାଲ୍ୟାର୍ପଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ପ୍ରମୁଖ ସହଯୋଗ କରିଥିଲେ ।

# ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୨୮/୪ (ନି.ପ୍ର) : ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୯ ତମ ଜୟନ୍ତୀ ଅବସରରେ ଓଡ଼ିଶା ଉଦ୍ଯୋଗୀ ପରିବାର ପକ୍ଷରୁ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥଲା । ଓଡ଼ିଶାର ଉଦ୍ଯୋଗ ଜଗତ ପାଇଁ ମଧୁବାବୁଙ୍କ ଅବଦାନ ଓ ଦୃଷ୍ଟିକୋଣ ଉପରେ ଆଲୋକପାତ କରି ଓଡ଼ିଶା ଉଦ୍ଯୋଗ ପରିବାରର ପ୍ରତିଷ୍ଠାତା ତଥା ଉଦ୍ଯୋଗୀ ଶିବ ନାରାୟଣ ମିଶ୍ର ତାଙ୍କ ଅଭିଭାଷଣ ରଖି କହିଥିଲେ ଯେ, ମଧୁସୂଦନ ଦାସ ଓଡ଼ିଆ ଜାତିକୁ ଆତ୍ମନିର୍ଭର ଓ ଉଦ୍ଯୋଗମୁଖୀ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ଏହା ସହିତ ପ୍ରଥମ ଓଡ଼ିଆ ବାରିଷ୍ଟର, ଅଧିବକ୍ତା ସହିତ ଓଡ଼ିଆ ଭାଷା, ସାହିତ୍ୟ, ଶିଳ୍ପ ବିଶେଷ କରି ଉତ୍କଳ ଟ୍ୟାନେରୀ ନାମରେ ଏକ ଜୋତା କାରଖାନା ସ୍ଥାପନା କରି ସେ ସ୍ଥାନୀୟ ଯୁବକମାନଙ୍କୁ ଉଦ୍ଯୋଗୀ ହେବାକୁ ପ୍ରେରିତ କରିଥିଲେ ଓ ଆର୍ଥିକ ସ୍ୱାଧୀନତାର ପଥ ଦେଖାଇଥିଲେ, ଯାହାକି ବିରଳ । ସଂଗଠନର ବରିଷ୍ଠ ଉପଦେଷ୍ଟା, ଡ଼ ସୁନିତ ମୁଣ୍ଡ ମଧୁସୂଦନ ଦାସଙ୍କୁ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇ କହିଥିଲେ ଯେ, ତାଙ୍କର ଜୀବନ ଓ କାର୍ଯ୍ୟ ଆମ ସମସ୍ତଙ୍କ ପାଇଁ ପ୍ରେରଣା ଓ ଆଦର୍ଶ । ଓଡ଼ିଶାବାସୀମାନେ ତାଙ୍କ ଦେଖାଇଥିବା ପଥରେ ଚାଲି ଉଦ୍ଯୋଗ, ରାଷ୍ଟ୍ରଚେତନା ଓ ଆତ୍ମନିର୍ଭରତାକୁ ପ୍ରାଧାନ୍ୟ ଦେବା ଆବଶ୍ୟକ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଉଦ୍ଯୋଗୀ ଶୀତାଂଶୁ ଶେଖର ମହାରଣା, ମଧୁସ୍ମିତା ପାତ୍ର, ଅଭିଷେକ ନନ୍ଦ,ବିଷ୍ଣୁ ମହାରଣା,ମନୋରଞ୍ଜନ ବାରିକ, ଦୀନବନ୍ଧୁ ଷଡ଼ଙ୍ଗୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।




# ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ନୟାଗଡ଼,୨୮/୪(ମନ୍ଥନ ): ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକ ମାନଙ୍କର ବିଭିନ୍ନ ବହୁ ପ୍ରତୀକ୍ଷିତ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ନୟାଗଡ଼ ଜିଲ୍ଲାପାଳଙ୍କ ଜରିଆରେ ପ୍ରେରିତ ଏହି ସ୍ମାରକପତ୍ରରେ ଜିଲ୍ଲାର କାର୍ଯ୍ୟରତ ସାମ୍ବାଦିକମାନଙ୍କ ସୁରକ୍ଷା ଓ କଲ୍ୟାଣ ନେଇ ୪ ଦଫା ଦାବି ଉପସ୍ଥାପନ କରାଯାଇଛି । ?ସଂଘ ପକ୍ଷରୁ ଦର୍ଶାଯାଇଥିବା ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ରହିଛି ଅବସରପ୍ରାପ୍ତ ସାମ୍ବାଦିକମାନଙ୍କୁ ସମ୍ମାନଜନକ ପେନସନ ପ୍ରଦାନ କରିବା, କାର୍ଯ୍ୟରତ ସାମ୍ବାଦିକମାନଙ୍କ ସୁରକ୍ଷା ପାଇଁ ତୁରନ୍ତ ସ୍ୱତନ୍ତ୍ର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା, ?ବ୍ଲକ, ଜିଲ୍ଲା ଏବଂ ରାଜ୍ୟ ସ୍ତରରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ସରକାରୀ ସ୍ୱୀକୃତି ପ୍ରଦାନ ପାଇଁ ଆକ୍ରିଡ଼ିଏସନ କମିଟି ଗଠନ କରି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ସମସ୍ତ ସାମ୍ବାଦିକ ମାନଙ୍କୁ ଉଦ୍ଦିଷ୍ଟ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପରିବାରର ବାପ, ମାଆ ଏବଂ ୨୫ ବର୍ଷରୁ ଉର୍ଦ୍ଧ୍ୱ ସନ୍ତାନ ମାନଙ୍କୁ ସାମିଲ କରିବା । ?ଏହି ଅବସରରେ ସଂଘର ସଦସ୍ୟ ମାନେ ପ୍ରକାଶ କରିଛନ୍ତି ଯେ, ସାମ୍ବାଦିକମାନେ ସମାଜର ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣୁଥିବା ବେଳେ ସେମାନଙ୍କର ନିଜସ୍ୱ ସମସ୍ୟା ପ୍ରତି ସରକାର ଦୃଷ୍ଟି ଦେବା ଜରୁରୀ । ଏହି ଦାବିପତ୍ର ପ୍ରଦାନ ସମୟରେ ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ପ୍ରମୋଦ ପଟ୍ଟନାୟକ ଏବଂ ସମ୍ପାଦକ ସୁବାସ ଚନ୍ଦ୍ର ମହାପାତ୍ରଙ୍କ ସମେତ ସଦସ୍ୟ ଲୋକନାଥ ମିଶ୍ର, ପୁରୁଷୋତ୍ତମ ମହାପାତ୍ର,ଗୋକୁଳ କୁମାର ଷଡ଼ଙ୍ଗୀ,ବିଭୁତି ଭୂଷଣ ପଟ୍ଟନାୟକ, ସୁଧାକର ମିଶ୍ର, ରଞ୍ଜନ ବେହେରା,ପ୍ରମୋଦ କୁମାର ନନ୍ଦ,ଜିତୁନ କୁମାର ମହାପାତ୍ର, ସତ୍ୟନାରାୟଣ ବେହେରା,ଦୀପକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।



# ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳିତ

ବୁଗୁଡ଼ା, ୨୮।୪ (ନି.ପ୍ର): ବୁଗୁଡ଼ା ଓକିଲ ସଂଘ ପକ୍ଷରୁ କୋର୍ଟ ପରିସରରେ ମଧୁବାବୁଙ୍କ ୧୨୮ତମ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳିତ ହୋଇ ଯାଇଛି । ଓକିଲ ସଂଘ ସଭାପତି ମାନସ ରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଜେଏମଏଫସି ବିଚାରପତି ସୁଧାଶ୍ରୀ ସୁରଝାଲିଆ ,ମୁଖ୍ୟବକ୍ତା ଭାବେ ହିଞ୍ଜିଳିକାଟୁ ଓକିଲ ସଂଘ ସଭାପତି ନିର୍ମଳ କୁମାର ସାହୁ , ସମ୍ମାନିତ ଅତିଥି ଭାବେ ପିପୁଲ୍ଲ କଲେଜ ଇତିହାସ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ,ପ୍ରଦୀପ କୁମାର ଦାଶ ଯୋଗ ଦେଇ ଓଡ଼ିଆ ଜାତିର ଚିର ଅମ୍ଳାନ ପ୍ରତିଭା ସମ୍ପନ୍ନ ଯଶସ୍ୱୀ ସ୍ୱାଭିମାନୀ ଭୌମିକ ପୁରୁଷ ମଧୁବାବୁଙ୍କ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଅତୁଳନୀୟ ଭୂମିକା ସମ୍ପର୍କେ ଆଲୋକପାତ କରିଥିଲେ । ଏଥି ସହ କୋଟି କୋଟି ଓଡିଆଙ୍କ ପ୍ରାଣରେ ଜାତି ପ୍ରେମ ଓ ସ୍ୱଦେଶ ପ୍ରେମ ବହ୍ନି ପ୍ରଜ୍ୱଳିତ କରିଥିବା ସ୍ୱାଭିମାନୀ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ । ଏ ଅବସରରେ କୋର୍ଟ ପରିସରସ୍ଥ ମଧୁବାବୁଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଓକିଲ ସଙ୍କ୍ଷେ ବିକାଶ ମହାନ୍ତି, ଯୁ. ଅରବିନ୍ଦ ପାତ୍ର ଓ ପିଣ୍ଟୁ ବିଶ୍ୱାଳଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ଆଇନଜୀବୀ ହର ପ୍ରସାଦ ଦାଶଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମାନସ ରଞ୍ଜନ ହୋତା ପ୍ରାରମ୍ଭିକ ସଙ୍ଗୀତ ଗାନ ଏବଂ ପରିଶେଷରେ ଓକିଲ ସଂଘ ସହସମ୍ପାଦକ ମନୋଜ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।




# କଂଗ୍ରେସ ନେତା ଦେବେନ୍ଦ୍ର ସାହୁଙ୍କ ବଢୁଛି ଲୋକପ୍ରିୟତା

ମାହାଙ୍ଗା, ୨୮।୪ (ନି.ପ୍ର): ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଗତ କିଛି ବର୍ଷ ହେଲା ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁଙ୍କର ଲୋକପ୍ରିୟତା ବଢ଼ିବାରେ ଲାଗିଛି । ଯାହାକୁ ଦେଖି ତାଙ୍କର ବିରୋଧୀ ତଥା ବିଜେଡିର ବି ଟିମ୍ ଏବେ ଛାନିଆ ହୋଇଥିବା ସାଧାରଣରେ ଚର୍ଚ୍ଚା ଜୋରଦାର ଧରିଲାଣି । ମାହାଙ୍ଗା ବ୍ଲକର ଚାହାପଡା ଗ୍ରାମ ପଂଚାୟତରେ ଏକ ବୈଶାଖୀ ବନ୍ଧୁ ମିଳନ ମାହାଙ୍ଗା କଂଗ୍ରେସ ତରଫରୁ ଆଇନଜୀବି ପ୍ରବୀଣ କାନୁନ୍‌ଗୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାହାଙ୍ଗାର ବରିଷ୍ଠ ନେତା ଦେବେନ୍ଦ୍ର କୁମାର ସାହୁ ଯୋଗଦେଇ ଆଧୁନିକ ରାଷ୍ଟ୍ର ନିର୍ମାଣରେ ଯୁବକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି ମତ ଦେବା ସହ କଂଗ୍ରେସ ସଂଗଠନକୁ ମଜବୁତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ଉତ୍ସବରେ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ଯୁବକମାନେ ଉପସ୍ଥିତ ଦେଖି ଶ୍ରୀଯୁକ୍ତ ସାହୁଙ୍କ ଲୋକପ୍ରିୟତା ମାହାଙ୍ଗା ଅଚଂଳରେ ଦ୍ରୁତଗତିରେ ବୃଦ୍ଧି ପାଉଛି ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଛି । ଏହି ବନ୍ଧୁମିଳନ ଉତ୍ସବରେ ମାହାଙ୍ଗା ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ଅଲେଖ ପ୍ରସାଦ ସ୍ୱାଇଁ, ଆଇନଜୀବି ଭାସ୍କର ଚନ୍ଦ୍ର ବେହେରା, ବାନାମ୍ବର ମହାନ୍ତି, ଚୈତନ୍ୟ ଚରଣ ପାଣି, ଯୁବ ସଂଗଠକ ଉତ୍ତମ କୁମାର ବେହେରା, ଦେବେନ୍ଦ୍ର କୁମାର ପରିଡା, ବାସୁଦେବ ମହାନ୍ତି, ସୁରେନ୍ଦ୍ର ବେହେରା, ରଘୁନାଥ ଦାସ, ରବିନ୍ଦ୍ର ନାଥ ନାୟକ, ସେକ୍ ବାଦଲ, ଅଶିତ୍ ମହାନ୍ତି. ରତ୍ନାକର ପରିଡା, ଶ୍ୟାମସୁନ୍ଦର ପରିଡା,ନିରଂଜନ ମହାନ୍ତି, ଉତ୍ସବ ପରିଡା, ସେକ୍ ଜାହାର ଉଦ୍ଦିନ୍, ନିରଂଜନ ପଣ୍ଡା, ଭାଗ୍ୟଧର ଦାସ, ହେମନ୍ତ ଭୂୟାଁ, ଅକ୍ଷୟ କୁମାର ବେହୁରା, ଭାସ୍କର ସିଂ, ମାଧବ ପଲେଇଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




# ଗୀତଓସଙ୍ଗୀତ ନିର୍ଦ୍ଦେଶକ ଚକ୍ରଧର ସୂତାର ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ

ମାହାଙ୍ଗା ୨୮/୪( ନି.ପ୍ର): ମାହାଙ୍ଗା ବ୍ଲକ ଅଧିନ ଗଉଡପଡା ଠାରେ ଗୀତ ଓ ସଙ୍ଗୀତ ନିର୍ଦ୍ଦେଶକ ଚକ୍ରଧର ସୂତାର ଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳନ ହୋଇଯାଇଅଛି । ଏହି ଉତ୍ସବ ରେ ସାମ୍ବାଦିକ ନୃସିଂହ ଚରଣ ଦାସ, ବିବେକାନନ୍ଦ ଦାସ, ରବିନାରାୟଣ ଦାସ, ଧନେଶ୍ୱର ସେଠୀ, ବାବୁଲି ସିଂ,ତାଙ୍କ ପତ୍ନୀ ରେଣୁବାଳା ସୂତାର, ଭଉଣୀ ସକୁନ୍ତଳା,ପ୍ରମିଳା ସୂତାର,ଝିଅ ଜ୍ୟୋତିର୍ମୟୀ, ଚିନ୍ମୟୀ, ସ୍ମୃତିମୟୀ ସୂତାର,ପୁଅ ରାକେଶ ବିକାଶ ସୂତାର ଙ୍କସହ ସମାଜସେବୀ ଅନିରୁଦ୍ଧ ଷଡ଼ଙ୍ଗୀ, ରମେଶ, ଜୟନ୍ତ, ବାୟକ ରତ୍ନାକର ସାମଲଙ୍କ ସହ ଭୋଜନ ଦାୟିତ୍ୱ ରେ ଥିଲେ କୃଷ୍ଣ ଚନ୍ଦ୍ର ପଣ୍ଡା ,ସରୋଜ କୁମାର ପଣ୍ଡା , ଅର୍ଜୁନ ଚରଣ ଜେନା ପରିଚାଳନା ରେ ସହଯୋଗ କରିଥିଲେ । ମାହାଙ୍ଗା କଳା ଜଗତର ଅପୂରଣିୟ କ୍ଷତି ବୋଲି ସାଧାରଣରେ ମତପ୍ରକାଶ ପାଇଥିଲା ବେଳେ ଗୀତୀନାଟ୍ୟ ଦଳ ଗଠନ କରି ତାର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଚକ୍ରଧର ମାଷ୍ଟ୍ରେ ଙ୍କ ଉଦ୍ୟମ ଓ ପ୍ରେରଣା ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିବ ।

# ସମାଜସେବୀ ଗୋପାଳ ମାହାଳିକଙ୍କୁ ଅଭିନନ୍ଦନ

କେନ୍ଦ୍ରାପଡ଼ା,୨୮।୪ (ନି.ପ୍ର) :୯୨ବର୍ଷୀୟ ସମାଜସେବୀ ତଥା କଂଗ୍ରେସ କର୍ମୀ ଗୋପାଳ ଚନ୍ଦ୍ର ମହାଳିକଙ୍କୁ ଜନ୍ମଦିନର ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛି ଜିଲ୍ଲା ପ୍ରତିଭା ପୂଜା ସଂସଦ । କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ବଣିଆମାଳ ଅଞ୍ଚଳର ବରିଷ୍ଠ କଂଗ୍ରେସ କର୍ମୀ ଶ୍ରୀ ମହାଳିକଙ୍କ ଜନ୍ମଦିନ ଅବସରରେ ଜିଲ୍ଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ସଭାପତି ପ୍ରଦିପ କୁମାର ମହାନ୍ତି ଓ ସମ୍ପାଦକ ସୁନିଲ କୁମାର ସାମଲ ତାଙ୍କ ବାସଭବନରେ ପହଞ୍ଚି ଶ୍ରୀ ମହାଳିକଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ତାଙ୍କ ସୁସ୍ଥ ଓ ଦୀର୍ଘ ନିରାମୟ ଜୀବନ କାମନା କରି କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

# ଗୋଟିଏ ରାତିରେ ଦୁଇ ମନ୍ଦିରରୁ ଚୋରୀ
## ପୋଲିସର ତଦନ୍ତ ଜାରି : ୩ ଅଟକ

ବଳାଙ୍ଗା, ୨୮।୪ (ନି.ପ୍ର): ବଳଙ୍ଗା ଥାନା ଅଞ୍ଚଳରେ ଲଗାତାର ଭାବେ ଗ୍ରାମାଞ୍ଚଳ ମାନଙ୍କରେ ଥିବା ବିଭିନ୍ନ ମନ୍ଦିର ମାନଙ୍କରେ ବାରମ୍ବାର ଚୋରୀ ଘଟଣା ପୋଲିସର ମୁଣ୍ଡବିନ୍ଧାର କାରଣ ପାଲଟିଥିବା ବେଳେ ପୋଲିସ ଯଥା ଶିଘ୍ର ଘଟଣାର ପରଦାଫାସ୍ କରିବାକୁ ଯାଉଛି । ପୋଲିସର ତ୍ୱରିତ ପଦକ୍ଷେପ ଏବଂ ସଠିକ୍ ତଦନ୍ତ ଶୈଳୀ ଯୋଗୁ ପୋଲିସ ହାତରେ ବଳିଷ୍ଠ ତଥ୍ୟ ପ୍ରମାଣ ଲାଗିଛି । ମନ୍ଦିର ମାନଙ୍କରୁ ବହୁ ପୁରାତନ ପୋଥି, ପୁରାତନ ମୂର୍ତ୍ତି ତଥା ଠାକୁର ଠାକୁରାଣୀ ମାନଙ୍କର ଅଳଙ୍କାର ଏବଂ ବିଭିନ୍ନ ସାମଗ୍ରୀ ଚୋରୀରେ ଅନେକ କ୍ଷେତ୍ରରେ ଜଣେ ଯୁବକର ସନ୍ଦେହ ଥିବା ନେଇ ପୋଲିସକୁ ତଥ୍ୟ ପ୍ରମାଣ ମିଳି ଯାଇଛି । ମାତ୍ର ତଥ୍ୟ ପ୍ରଘଟ ଏବଂ ତଦନ୍ତ ପ୍ରକ୍ରିୟାରେ ବ୍ୟାହତ ଆଶଙ୍କା ପ୍ରକାଶ କରି ପୋଲିସ ଅଭିଯୁକ୍ତ ମାନଙ୍କର ପରିଚୟ କିମ୍ବା କାର୍ଯ୍ୟଶୈଳୀକୁ ପ୍ରକାଶ କରିବାକୁ ଅନିଚ୍ଛା ପ୍ରକାଶ କରିଛି । ଖୁବ୍ ଶୀଘ୍ର ବିଧିବଦ୍ଧ ଭାବେ ସମସ୍ତ ଘଟଣାର ଖୁଲାସା କରାଯିବ ବୋଲି ପୋଲିସ ଦୃଢ଼ ପ୍ରତିଶ୍ରୁତି ଦେଇଛି । ସୋମବାର ବିଳମ୍ବିତ ରାତିରେ ବଳଙ୍ଗା ଥାନା ଅନ୍ତର୍ଗତ ଦିପି ଦେଉଳୀ ଗ୍ରାମର ରୁଦ୍ରାୟଣୀ ମନ୍ଦିରରୁ ଠାକୁରାଣୀଙ୍କ ପୁରାତନ ଅଳଙ୍କାର ଚୋରୀ ଓ ନିକଟସ୍ଥ ବରିହା ଗେଣ୍ଡାମାଳି ଗ୍ରାମର ତାରେଣୀ ମନ୍ଦିରରୁ ଅନୁରୂପ ଭାବେ କିରିଟି ଓ ଅନ୍ୟାନ୍ୟ ସୁନା ଅଳଙ୍କାର ଚୋରୀ ପରେ ବଳଙ୍ଗା ଥାନା ଆଇ. ଆଇ .ସି ସସ୍ମିତା ସାହୁ ତୁରନ୍ତ ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହ ତଦନ୍ତ ପାଇଁ ପହଞ୍ଚିଥିଲେ । ତଦନ୍ତ ସମୟରେ ସନ୍ଧାନୀ କୁକୁର ରୁଦ୍ରାୟଣୀ ମନ୍ଦିରର ଅନତି ଦୂରରେ ପଡ଼ିଥିବା ଚାବିକୁ ଖୋଜି ପାଇ ତାହାକୁ ଧରି ଜୈନକ ଅଭିଯୁକ୍ତଙ୍କ ଘରକୁ ଅଗ୍ରସର ହୋଇଥିଲା । ଫଳରେ ପୋଲିସ ଅଭିଯୁକ୍ତ ଉପରେ ସନ୍ଦେହ କରି ତୁରନ୍ତ ତାକୁ କବ୍ଜା କରିନେଇଥିଲା । ସେହିଭଳି ସନ୍ଧାନି କୁକୁର ଅଭିଯୁକ୍ତ ଘର ପାଖରୁ ତାରେଣୀ ମନ୍ଦିର ଆଡ଼କୁ ଅଗ୍ରସର ହୋଇ ତଦନ୍ତ କାର୍ଯ୍ୟ ଆରମ୍ଭ କରିବାରୁ ଅଭିଯୁକ୍ତ ଓ ତାଙ୍କର ୨ ଜଣ ଅନ୍ୟ ସହଯୋଗୀ ଏହି ଚୋରୀ ଘଟଣାରେ ସମ୍ପୃକ୍ତି ଥିବା ସନ୍ଦେହ କରି ସମସ୍ତଙ୍କୁ ଥାନାକୁ ଉଠାଇ ଆଣି ବିଭିନ୍ନ ଦିଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଛି । ପିପିଲି ଏସ. ଡି. ପି ଓ ଦେବାଶିଷ ମିଶ୍ର ଘଟଣା ସ୍ଥଳରେ ଉପସ୍ଥିତି ରହି ପରିସ୍ଥିତିକୁ ତନ୍ନ ତନ୍ନ କରି ଅନୁଧ୍ୟାନ କରୁଛନ୍ତି । ଯାହା ଫଳରେ ପୋଲିସ ଏକ ବଡ଼ ଧରଣର ଚୋର ଗ୍ୟାଙ୍ଗର ପର୍ଦ୍ଦାଫାଶ କରିପାରିବ ବୋଲି ସାଧାରଣରେ ଆଶା ବଳବତର ହୋଇଛି ।



# ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳଙ୍କ ନୂତନ ଦାୟିତ୍ୱ ଗ୍ରହଣ

ଛତ୍ରପୁର, ୨୮।୪ (ନି.ପ୍ର) : ୨୦୦୦ ମସିହା ବେଚ୍ ର ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ସଚ୍ଚିଦାନନ୍ଦ ନାୟକ ମଙ୍ଗଳବାର ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏନେଇ ଏପ୍ରିଲ ୨୩ ତାରିଖ ଚିଠି ନମ୍ବର ୧୨୭୦୨/ଏସସିଏସ ପ୍ରକାରେ ଶ୍ରୀ ନାୟକ ଆଜି ଦାୟିତ୍ୱ ଗ୍ରହଣ କରିଥିବା ବେଳେ ପୂର୍ବରୁ ଏଠାରେ ଅତିରିକ୍ତ ଜିଲ୍ଲାପାଳ ଥିବା ପ୍ରମୋଦ କୁମାର ପୃଷ୍ଟି ନବରଙ୍ଗପୁର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହୋଇଛି । ପୂର୍ବରୁ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରେ କାର୍ଯ୍ୟ କରି ଆସିଛନ୍ତି । ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ରହିଛି ଶାନ୍ତି ଶୃଙ୍ଖଳା ସୁରୁଖୁରୁରେ ପରିଚାଳନା ପାଇଁ ସମସ୍ତଙ୍କୁ ନେଇ ମିଳିମିଶି କାମ କରିବା ପାଇଁ ଶ୍ରୀ ନାୟକ କହିଥିଲେ । ଏହା ସହ ଅତିରିକ୍ତ ଉପ ଜିଲ୍ଲାପାଳ ଛତ୍ରପୁର, ଛତ୍ରପୁର ବିଡ଼ିଓ, ଏମକେସିଜି ବ୍ରହ୍ମପୁର ପ୍ରଶାସନିକ ଅଧିକାରୀ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଭାବେ ଦାୟିତ୍ୱ ତୁଲାଇ ଗଞ୍ଜାମ ଜିଲ୍ଲା ଓ ଛତ୍ରପୁର ଅଞ୍ଚଳର ବିକାଶ ପାଇଁ ତାଙ୍କର ଉଦ୍ୟମ ଅତୁଳନୀୟ । ଏହି ଅବସରରେ ଛତ୍ରପୁର ପ୍ରେସ କ୍ଲବ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ ବେଳେ ପ୍ରେସ କ୍ଲବ ସଭାପତି ସରୋଜ ସାମଲ, ସାଧାରଣ ସମ୍ପାଦକ ଅଜିତ ସ୍ୱାଇଁ, କୋଷାଧ୍ୟକ୍ଷ କ୍ଷିରୋଦ ଚନ୍ଦ୍ର ସାହୁ, ସନ୍ତୋଷ କୁମାର ମିଶ୍ର, ସୁଧିର କୁମାର ନାହାକ, ଦେବବ୍ରତ ପଣ୍ଡା, ସୂର୍ଯ୍ୟସୁ ପ୍ରକାଶ ଧଳ ଓ କେ ସତ୍ୟନାରାୟଣ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ ।

